Odia Daily

www.theutkalsamachar.com

ଉତ୍କଳ ସମାଚାର

ଚୌପଟ୍ଟରିକ ଚେତନାର ପ୍ରକାଶକ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:299✦26 February 2026 (Thursday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୯୯✦୨୬ ଫେବୃଆରୀ ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ପିଏମ୍ ମୋଦିଙ୍କ ଇସ୍ରାଏଲ ଗସ୍ତକୁ ନେଇ ଗର୍ଜିଲେ ପ୍ରିୟଙ୍କା

ଜୟରାମ ରମେଶ ଦେଲେ ନେହରୁ-ଇନ୍ଦିରାଙ୍କ ଉଦାହରଣ

ନୂଆଦିଲ୍ଲୀ,୨୫।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ଇସ୍ରାଏଲ ଗସ୍ତରେ ବାହାରି ଜେରୁଜେଲମ୍‌ରେ ପହଁଚିଂଛନ୍ତି ୧୦ ବର୍ଷରେ ଏହା ତାଙ୍କର ଦ୍ୱିତୀୟ ଇସ୍ରାଏଲ ଗସ୍ତ । ଏହି ଗସ୍ତ ବେଳେ ଇସ୍ରାଏଲର ସଂସଦକୁ ସମ୍ବୋଧିତ କରିବେ ମୋଦି । ଇସ୍ରାଏଲ ଅଭିମୁଖେ ମୋଦି ଗସ୍ତ କରିବା ମାତ୍ରେ ଦେଶର ରାଜନେ ?ତିକ ସ୍ଥିତି ଖୁବ୍ ସରଗରମ୍ ହୋଇଛି । ମୁଖ୍ୟ ବିରୋଧି ଦଳ କଂଗ୍ରେସ ପକ୍ଷରୁ ଗସ୍ତକୁ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ ଉଠିଛି । ପାର୍ଟି ମହାସଚିବ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି,ଆଶା କରୁଛି ପିଏମ୍ ସେଠାରେ ପହଁଚି ଗାଜାରେ ହୋଇଥିବା ଶିଶୁଙ୍କ ମୃତ୍ୟୁ ବିଷୟରେ ଆଲୋଚନା କରିବେ । ପ୍ରିୟଙ୍କା 'ଏକ୍ସ'ରେ-ପୋଷ୍ଟ କରି କହିଛନ୍ତି, 'ମୁଁ ଆଶା କରୁଛି ପ୍ରଧାନମନ୍ତ୍ରୀ ତାଙ୍କର ଆଗାମୀ ଇସ୍ରାଏଲ ଗସ୍ତ ସମୟରେ ସଂସଦକୁ ସମ୍ବୋଧିତ କରିବେ ଏବଂ ଗାଜାରେ ହଜାର ହଜାର ନିରୀହ ପୁରୁଷ, ମହିଳା ଏବଂ ପିଲାଙ୍କ ପାଇଁ ନ୍ୟାୟ ଦାବି କରିବେ । ଭାରତ, ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ, ଏହାର ଇତିହାସରେ ସତ୍ୟ ପାଇଁ ଠିଆ ହୋଇଛି । ଆମକୁ ବିଶ୍ୱକୁ ସତ୍ୟ, ଶାନ୍ତି ଏବଂ ନ୍ୟାୟର ଆଲୋକ ଦେଖାଇବା ଜାରି ରଖିବାକୁ ପଡିବ ।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବୁଲ ଦିନିଆ ଇସ୍ରାଏଲ ଗସ୍ତକୁ ମଧ୍ୟ କଂଗ୍ରେସ ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି । ଦଳ ପକ୍ଷରୁ କୁହାଯାଇଛି, ଯେତେବେଳେ ସମଗ୍ର ବିଶ୍ୱ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସମାଲୋଚନା କରୁଛି, ପ୍ରଧାନମନ୍ତ୍ରୀ ମୋଦିଙ୍କ ତାଙ୍କ 'ପ୍ରିୟ ବନ୍ଧୁ' ଙ୍କ ସହ ସାକ୍ଷାତ ନୈତିକ କାପୁରୁଷତାକୁ ଦର୍ଶାଉଛି । କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଇସ୍ରାଏଲୀ ପ୍ରତିପକ୍ଷଙ୍କୁ ନିର୍ଜଜ ଭାବରେ ଆଲିଙ୍ଗନ କରୁଛନ୍ତି । ସେ ନେତାନ୍ୟାହୁଙ୍କୁ ଗାଜାକୁ ଧ୍ୱଂସାବଶେଷରେ ପରିଣତ କରିବା ଏବଂ ଷ୍ଟେଡିୟାମରେ ବେଆଇନ୍ ବସତି ବିସ୍ତାର କରିବା ପାଇଁ ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ କରିଛନ୍ତି । ଜୟରାମ ଏହି ସମୟରେ ୨୦ ମଇ ୧୯୬୦ର ଆଲୋଚନା କରିଛନ୍ତି । ଯେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଗାଜା ଯାଇଥିଲେ । ସେଠାରେ ମୁଇନ ସ୍ଥାନାଇଟେଡ୍ ନେସନ୍ସ ଏମର୍ଜେନ୍ସି ଫୋର୍ସର ଭାରତୀୟ ଦଳକୁ ଭେଟିଥିଲେ । ଏହା ସହ ଜୟରାମ ରମେଶ ୨୯ ନଭେମ୍ବର ୧୯୮୧ ର ଐତିହାସିକ ଚାରିଖ ମଧ୍ୟ ଉଲ୍ଲେଖ କରିଥିଲେ । ଭାରତ ପାଲେଷ୍ଟାଇନ ସହିତ ଏକତା ପ୍ରଦର୍ଶନ କରିବା ପାଇଁ ଏକ ସ୍ମାରକୀ ଡାକଟିକଟ ଜାରି କରିଥିଲା । ସେତେବେଳେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିଲେ । ଏହା ବ୍ୟତୀତ, କଂଗ୍ରେସ ନେତା ୧୯୮୮ରେ ପାଲେଷ୍ଟାଇନର ପରିଚୟ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି ।

ସରିଲା ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ

ଅନ୍ତିମ ଭାଷଣ ବେଳେ ବିରୋଧୀଙ୍କ ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫/୨(ଜି/ପ୍): ବିଧାନସଭାର ବଜେଟ୍ ଅଧିବେଶନ ୨୦୨୬-୨୭ର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ହୋଇଛି । ବିରୋଧୀଙ୍କ ପ୍ରବଳ ହଙ୍ଗାମା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ହୋଇଛି । ଗୃହକୁ ଆସନ୍ତା ମାର୍ଚ୍ଚ ୯ ତାରିଖ ସକାଳ ସାଢ଼େ ୧୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ମାର୍ଚ୍ଚ ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଅନୁଷ୍ଠିତ ହେବ । ଚାଷୀ ପ୍ରସଙ୍ଗ ଉଠାଇ ଗୃହରେ ବିରୋଧୀମାନେ ସରକାରଙ୍କୁ ସମାଲୋଚନା କରୁଥିବାବେଳେ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ମୁଖ୍ୟମନ୍ତ୍ରୀ ତାଙ୍କର ଅନ୍ତିମ ଅଭିଭାଷଣରେ କହିଛନ୍ତି ଯେ ଚାଷୀଙ୍କ ନାଁ ରେ ଯେମିତି ରାଜନୀତି କରି ଗୃହକୁ ବାରମ୍ବାର ଅଚଳ କରି ଦିଆଗଲା , ତାହା ଓଡିଶାବାସୀ ଦେଖୁଛନ୍ତି । ବିରୋଧୀ ଦଳ ତାଙ୍କ ଭୂମିକା ଉପସ୍ଥାପିତ ନ କରିହୋ ହାଲ୍ଲା କରିବା ମଧ୍ୟ ଓଡ଼ିଶାବାସୀ ଦେଖୁଛନ୍ତି। ମୁଖ୍ୟ ବିରୋଧୀଦଳ ଚାଷୀଙ୍କ ନାଁରେ ନିଜର ରାଜନୀତି କରୁଛନ୍ତି।୨୦୨୬-୨୭ ପାଇଁ ପ୍ରସ୍ତୁତ ହୋଇଥିବା ବଜେଟ କେବଳ ଆସନ୍ତା ବର୍ଷ ପାଇଁ ଆୟବ୍ୟୟ ଲେଖାଯୋଖାର ଏକ ହିସାବ ନୁହେଁ, ଏହି ବଜେଟ ହେଉଛି ସାତୋ ତାରିଖୋଟି ଓଡିଶାବାସୀଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ । ଏହି ବଜେଟ ଓଡିଶାବାସୀଙ୍କ ଭବିଷ୍ୟତର ବଜେଟ । ପ୍ରତିଶତ , ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ । ମୁଖ୍ୟ ବିରୋଧୀଦଳ ବାରମ୍ବାର ଚାଷ ଓ ଚାଷୀଙ୍କୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ଯଦି, ଆପଣମାନେ କୃଷି ପାଇଁ ଏତେ ଭଲ କାମ କରିଛନ୍ତି, ତେବେ ଆପଣଙ୍କ ସମୟରେ ଚାଷୀଙ୍କ ଆୟ ସାରା ଦେଶରେ ଶେଷ ଆଉ ଦ୍ୱିତୀୟ ଜାହିଁକି ଥିଲା ତାହା ପ୍ରଶ୍ନ କରିଛନ୍ତି । ମୁଁ ଏହି ଗୃହ ମାଧ୍ୟମରେ ରାଜ୍ୟର ସବୁ ଚାଷୀଙ୍କୁ ନିର୍ଜର ପ୍ରତିଶ୍ରୁତି ଦେଉଛି ଯେ ଚାଷୀଙ୍କ ସବୁ ସମସ୍ୟାର ସମାଧାନ କରାଯିବ ଏବଂ ସବୁ ଯୋଗ୍ୟ ଚାଷୀଙ୍କ ସବୁ କ୍ରୟଯୋଗ୍ୟ ସବୁ ଧାନକୁ ଉଠାଇବୁ । ମୁଖ୍ୟମନ୍ତ୍ରୀ କହିଛନ୍ତି ଆମ ଶାସ୍ତ୍ରରେ ଅଛି, 'ନାରୀ ସମାଜସ୍ୟ କୁଶଳ ବାସ୍ତୁଲାର' ।ଅର୍ଥାତ, ନାରୀ ହେଉଛନ୍ତି ସମାଜର ପ୍ରକୃତ କୁଶଳୀ ନିର୍ମାଣକାରୀ । ରାଜ୍ୟର ଅଧା ଜନସଂଖ୍ୟାଙ୍କ ଉନ୍ନତି ପାଇଁ ଆମ ସରକାର ପ୍ରତିବଦ୍ଧ । ଆମ ପାଇଁ ନାରୀ ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ କି ରାଜନୈତିକ ଅସ୍ତ୍ର ନୁହେଁ ।

ବଦଳିବ ରାଜଧାନୀ ଦିଲ୍ଲୀର ନାମ, ହେବ ଇନ୍ଦ୍ରପ୍ରସ୍ଥ:

କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଜେପି ସାଂସଦ

ନୂଆଦିଲ୍ଲୀ,୨୫/୨: ଜେଜଲର ନାମ ପରିବର୍ତ୍ତନ କରି ଜେଜଲମ୍ କରିବା ପାଇଁ ଅନୁମୋଦନ ପରେ, ଏବେ ରାଜଧାନୀ ଦିଲ୍ଲୀର ନାମ ପରିବର୍ତ୍ତନ କରିବାକୁ ଦାବି ହେଉଛି । ଦିଲ୍ଲୀର ଚାନ୍ଦନୀ ଚୌକ ଲୋକସଭା ନିର୍ବାଚନମଣ୍ଡଳୀର ବିଜେପି ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଏ ସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି । ତାଙ୍କ ଚିଠିରେ ଖଣ୍ଡେଲୱାଲ ଦିଲ୍ଲୀର ନାମ ଇନ୍ଦ୍ରପ୍ରସ୍ଥ ରଖିବାକୁ ଶାହଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ଏପରି ପଦକ୍ଷେପ ଭାରତର ରାଜଧାନୀର ଐତିହାସିକ ତଥା ସଭ୍ୟତାଗତ ପରିଚୟକୁ ପୁନଃସ୍ଥାପିତ କରିବ । ସେ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଓ ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଏହି ପ୍ରସ୍ତାବ ଉପରେ ଏକ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିବାକୁ ଶାହଙ୍କୁ ଅନୁରୋଧ କରିଛନ୍ତି । ଖଣ୍ଡେଲୱାଲ ଚିଠିରେ ଲେଖିଛନ୍ତି,ଐତିହାସିକ ସାହିତ୍ୟ, ପ୍ରତ୍ନତାତ୍ତ୍ୱିକ ପ୍ରମାଣ ତଥା ଦୀର୍ଘକାଳୀନ ସଭ୍ୟତାଗତ ପରମ୍ପରା ପ୍ରତିପାଦିତ କରେ ଯେ, ବର୍ତ୍ତମାନର ଦିଲ୍ଲୀ ହେଉଛି ପ୍ରାଚୀନ ଇନ୍ଦ୍ରପ୍ରସ୍ଥର ସ୍ଥାନ । ଯାହା ପାଣ୍ଡବମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମହାରାଜଧାନୀ । ମହାଭାରତ ମହାଭାରତରେ ଏହା ବର୍ଣ୍ଣିତ ହୋଇଛି ।

ମାର୍ଚ୍ଚ ପ୍ରଥମ ସପ୍ତାହରେ ରତ୍ନଭଣ୍ଡାର ଗଣତିମଣତି

ଭୁବନେଶ୍ୱର,୨୫/୨(ଜି/ପ୍): ମାର୍ଚ୍ଚ ପ୍ରଥମ ସପ୍ତାହରେ ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି । ଏନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଛତିଶା ନିୟୋଗ ସହ ଏସମ୍ପର୍କରେ ଆଲୋଚନା ହୋଇଛି, ଖୁବଶୀଘ୍ର ସମୟ ସ୍ଥିର ହେବ । ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଗଣତିମଣତି ପାଇଁ ଯୋଜନା କରୁଛୁ । ପରିଚାଳନା କମିଟି ଓ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି । ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ କେଉଁ ସମୟରେ କଲେ ଠିକ ହେବ ବିଚାର କରାଯିବ । ଏସବୁ ବିଚାର କରି ତାରିଖ ଘୋଷଣା ହେବ ବୋଲି ମନ୍ତ୍ରୀ କହିଛନ୍ତି । ଗତକାଲି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିୟୋଗର ଗୁରୁତ୍ୱପୂର୍ଣ୍ଣବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସହ ଛତିଶା ନିୟୋଗର ସେବାୟତ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ । ଆସନ୍ତା ମାର୍ଚ୍ଚ୩ରେ ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଠାକୁରଙ୍କ ସ୍ନାନବେଶ ହେବ ।

ଥରିଲା ପାକିସ୍ତାନ :

ପଞ୍ଜାବ ଓ ଖାଇବର ପଖ୍‌ତୁନଖ୍ୱାରେ ଆତଙ୍କବାଦୀ ଆକ୍ରମଣ, ୧୧ ମୃତ

ନୂଆଦିଲ୍ଲୀ, ୨୫।୨: ପାକିସ୍ତାନରେ ମାଡିଛନ୍ତି ଆତଙ୍କବାଦୀ । ମଙ୍ଗଳବାର ଦେଶର ଦୁଇଟି ଭିନ୍ନ ସ୍ଥାନରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ସୁରକ୍ଷାକର୍ମୀ ଥିବା ଜଣାପଡ଼ିଛି । ପଞ୍ଜାବ ପ୍ରାନ୍ତରେ ଏକ ଆତ୍ମଘାତୀ ବିସ୍ଫୋରଣ ହୋଇଥିବା ବେଳେ ଖାଇବର ପାଖ୍‌ତୁନଖ୍ୱାରେ ପୁଲିସ ଗାଡ଼ିକୁ ଟାର୍ଗେଟ୍ କରିଛନ୍ତି ବନ୍ଧୁକଧାରୀ । ପାକିସ୍ତାନର ପଞ୍ଜାବ ପ୍ରାନ୍ତ ଅନ୍ତର୍ଗତ ଭକ୍କର ଜିଲ୍ଲାରେ ଥିବା 'ବଜାଲ ଆନ୍ତଃ-ରାଜ୍ୟ ଚେକ୍ ପୋଷ୍ଟ' ନିକଟରେ ଏହି ଆତ୍ମଘାତୀ ଆକ୍ରମଣ ହୋଇଛି । ଏଥିରେ ୪ ଜଣ ପାକିସ୍ତାନୀ ସୁରକ୍ଷାକର୍ମୀ ସହୀଦ ହୋଇଛନ୍ତି । 'ଅନସାର-ଉଲ୍-ଇସଲାମ' ନାମକ ଏକ ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ଆତ୍ମଘାତୀ ବିସ୍ଫୋରଣକାରୀର ପରିଚୟ 'ଆବୁ ଦର୍ଦା' ବୋଲି ଜଣାପଡ଼ିଛି । ସୂଚନାନୁସାରେ, ଏହା ପୂର୍ବରୁ ଏହି ସଂଗଠନ କେବଳ ଖାଇବର ଅଞ୍ଚଳରେ ସକ୍ରିୟ ଥିଲା , କିନ୍ତୁ ପ୍ରଥମ ଥର ପାଇଁ ଏଭଳି ବଡ଼ ଧରଣର ଆକ୍ରମଣର ଦାୟିତ୍ୱ ନେଇଛି । ସେହିପରି ଦେଶର ଉତ୍ତର-ପଶ୍ଚିମ ପ୍ରାନ୍ତ ଖାଇବର ପଖ୍‌ତୁନଖ୍ୱାର କୋହାଟ ଅଞ୍ଚଳରେ ଆତଙ୍କବାଦୀମାନେ ଏକ ପୋଲିସ ଗାଡ଼ି ଉପରକୁ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ଜଣେ ବରିଷ୍ଠ ଅଧିକାରୀଙ୍କ ସମେତ ୫ ଜଣ ପୁଲିସ କର୍ମଚାରୀ ଏବଂ ୨ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି । ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭି ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଲଗାତାର ହେଉଥିବା ଏହି ଆକ୍ରମଣ ପାକିସ୍ତାନର ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗମ୍ଭୀର ଅଞ୍ଚଳରେ ସେନା ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି ଏବଂ ସମସ୍ତ ସୀମାନ୍ତ ଅଞ୍ଚଳକୁ ସିଲ୍ କରିଦିଆଯାଇଛି ।

ଖୁବ୍‌ଶୀଘ୍ର ଆସୁଛି ଇ-ବାଇକ୍ ଦିଦି ଯୋଜନା

ନୂଆଦିଲ୍ଲୀ,୨୫/୨: ଦିଲ୍ଲୀରେ ମହିଳା ମାନଙ୍କ ସୁରକ୍ଷା, ନିଯୁକ୍ତି ଏବଂ ପରିବେଶକୁ ଧ୍ୟାନରେ ରଖି, ସରକାର ଖୁବ୍ ଶୀଘ୍ର ଇ-ବାଇକ୍ ଦିଦି ଯୋଜନା ଆରମ୍ଭ କରିପାରନ୍ତି । ଦିଲ୍ଲୀର ଯୁବତୀମାନଙ୍କୁ ନିଯୁକ୍ତି ଏବଂ ଆତ୍ମନିର୍ଭରଶୀଳତା ପ୍ରଦାନ କରିବା ଇ-ବାଇକ୍ ଦିଦି ଯୋଜନାର ମୁଖ୍ୟ ଲକ୍ଷ୍ୟ । ବର୍ତମାନ, ଏହି ଯୋଜନା ପ୍ରସ୍ତାବ ପର୍ଯ୍ୟାୟରେ ଅଛି । କିନ୍ତୁ ଯଦି ସବୁକିଛି ଯୋଜନା ଅନୁଯାୟୀ ହୁଏ । ତେବେ ମହିଳା ଆରୋହୀମାନଙ୍କୁ ଖୁବ୍ ଶୀଘ୍ର ଦିଲ୍ଲୀର ରାସ୍ତାରେ ଇଲେକ୍ଟ୍ରିକ୍ ବାଇକ୍ ଚଲାଇଥିବାର ଦେଖିବାକୁ ମିଳିବ । ସରକାର ମହିଳାମାନଙ୍କୁ ନିରାପଦ ଏବଂ ନିର୍ଭରଯୋଗ୍ୟ ଯାତ୍ରା ବିକଳ୍ପ ମଧ୍ୟ ପ୍ରଦାନ କରିବାକୁ ଚାହୁଁଛନ୍ତି ।

ଇସ୍ରାଏଲ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ,୨୫/୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ଗସ୍ତକୁ ନେଇ ପ୍ରବଳ ଉତ୍ସାହ ରହିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦୀ ଆଜି ଦୁଇ ଦିନିଆ ଇସ୍ରାଏଲ ଗସ୍ତରେ ଯାଇଛନ୍ତି । ଏହି ଐତିହାସିକ ଗ୍ରାଉଣ ପାଇଁ ଇସ୍ରାଏଲ ସଂସଦ, କନେସେଟ୍, ଭାରତୀୟ ତ୍ରିରଙ୍ଗା ରଙ୍ଗରେ ଆଲୋକିତ ହୋଇଛି । ସଂସଦ ବାଚସ୍ପତି ଆମିର ଓହାନା ଏହାର ଏକ ଫଟୋ ସୋସିଆଲ ମିଡିଆରେ ସେୟାର କରି ଏହାକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ସମ୍ମାନ ପ୍ରକାଶ କରିବାର ଏକ ଉପାୟ ବୋଲି ବର୍ଣ୍ଣନା କରିଛନ୍ତି । ଏହି ଦୃଶ୍ୟ ବୁଲ ଦେଶ

ମଧ୍ୟରେ କରୁଥିବା ଘନିଷ୍ଠତା ଏବଂ ଗଭୀର ବନ୍ଧୁତାର ପ୍ରତୀକ ପାଲଟିଛି । ପ୍ରମୁଖ ଇସ୍ରାଏଲୀ ଖବରକାଗଜ ଏବଂ ସମ୍ବାଦପତ୍ରଗୁଡ଼ିକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ନେଇ ପ୍ରଚାର ଜୋରଦାର କରାଯାଇଛି । ପ୍ରସିଦ୍ଧ କେରୁସାଲେମ ପୋଷ୍ଟ "ନମସ୍ତେ" ଲେଖିଥିଲା , ଯେଉଁଥିରେ ଭାରତ-ଇସ୍ରାଏଲ ସମ୍ପର୍କକୁ ଏକ ନୂତନ ଅଧ୍ୟାୟର ଆରମ୍ଭ ଭାବରେ ବର୍ଣ୍ଣନା କରାଯାଇଛି ।

ହଠାତ୍ ସ୍କୁଲରେ ପଶିଲା ଚିତା

ନୂଆଦିଲ୍ଲୀ,୨୫/୨: ବୁଧବାର ସକାଳ ପ୍ରାୟ ୬ଟା ସମୟରେ ଉତ୍ତର ପ୍ରଦେଶର ଗାଜିଆବାଦର ଏନଡିଆରଏଫ୍ ରୋଡରେ ଥିବା ଗ୍ରୀନ୍ ଫିଲ୍ଡ ସ୍କୁଲ ବ୍ୟାୟାମରେ ଏକ ଜଙ୍ଗଲୀ ଚିତାବାଘ ପ୍ରବେଶ କରିଥିଲା । ଜଣେ ସୁରକ୍ଷା କର୍ମୀ ଚିତାବାଘକୁ ସ୍କୁଲ ପରିସରରେ ବୁଲୁଥିବା ଦେଖି ତୁରନ୍ତ ପରିଚାଳନାକୁ ସୂଚନା ଦେଇଥିଲେ । ସିସିଟିଭି ଫୁଟେଜରେ ସ୍ପଷ୍ଟ ଭାବରେ ଦେଖାଯାଇଥିଲା ଯେ, ଚିତାବାଘ ଏକ ଶ୍ରେଣୀଗୃହରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲା । କିନ୍ତୁ ଦ୍ୱାର ବନ୍ଦ ଥିବାରୁ ଦିଗହରା ହୋଇଥିଲା ।ପ୍ରାୟ ଦୁଇ ମିନିଟ୍ ପାଇଁ ସ୍କୁଲ ପରିସରରେ ବୁଲିବା ପରେ, ଚିତାବାଘ କାନ୍ଥ ଡେଇଁ ପଳାଇ ଯାଇଥିଲା ।

ଲାରେନ୍ସ ବିଶ୍ନୋଇଙ୍କ ଆଇନଜୀବୀ ବସିଥିବା କାର୍ ଉପରେ ଗୁଳିମାଡ଼ ୧ ଆହତ



ନୂଆଦିଲ୍ଲୀ,୨୫/୨: ମଙ୍ଗଳବାର ବିଳମ୍ବିତ ରାତିରେ ଦିଲ୍ଲୀର କାଶ୍ମୀର ଗେଟ୍ ଅଞ୍ଚଳରେ ଏକ କାର ଉପରେ ଗୁଳିଚାଳନା ହୋଇଛି । କାର ଭିତରେ ୫ ଜଣ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଆହତ ହୋଇଛନ୍ତି । ପୁଲିସର ସୂଚନା ଅନୁଯାୟୀ, କାରରେ ଥିବା ଜଣେ ବ୍ୟକ୍ତି ହେଉଛନ୍ତି ଆଇନଜୀବୀ ଦୀପକ ଖତ୍ରୀ । ସେ ନିଜକୁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଶ୍ନୋଇଙ୍କ ଲିଗାଲ୍ ଟିମ୍‌ର ଜଣେ ଆଇନଜୀବୀ ବୋଲି କହିଛନ୍ତି ।ପୁଲିସ କହିଛି, ଦୁଇ କିମ୍ବା ତିନି ଜଣ ଆକ୍ରମଣକାରୀ ଗୁଳି ଚଳାଇଥିଲେ । ଘଟଣା ପରେ ସେମାନେ ପଳାଇ ଯାଇଥିଲେ । ଆହତ ବ୍ୟକ୍ତିଙ୍କ ଅବସ୍ଥା ସ୍ଥିର ଅଛି ।ଘଟଣାର ତଦନ୍ତ ଜାରି ରହିଛି । କାରରେ ଥିବା ଜଣେ ଯାତ୍ରୀ କହିଛନ୍ତି, ସେମାନେ ରାତି ପ୍ରାୟ ୧୦:୧୫ ସମୟରେ ଏକ ମନ୍ଦିର ଛାଡ଼ିଥିଲେ । ଆମେ କାରରେ ବସିଥିଲୁ, ସେତେବେଳେ ଆମ କାର୍ ଉପରକୁ ତିନୋଟି ଗୁଳିମାଡ଼ ହୋଇଛି । ଯେତେବେଳେ କାରର ପଛ ପଟ ଜାଡ ଭାଙ୍ଗିଲା, ଆମେ ଜାଣିଲୁ ଯେ ଆମ ଉପରେ ଗୁଳିମାଡ଼ ହେଉଛି । ମୋର ଜଣେ ବନ୍ଧୁ ସନ୍ଦୀପଙ୍କ ପିଠିରେ ଗୁଳି ବାଜିଥିଲା । ଆମେ ଶୀଘ୍ର ଗାଡ଼ି ଚଳାଇ ଚାଲିଯାଇଥିଲୁ । ପିସିଆର୍ ଠିକ୍ ସମୟରେ ପହଁଚି ଆମ ବନ୍ଧୁଙ୍କୁ ଡାକ୍ତରଖାନା ନେଇଯାଇଥିଲା । ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ତଦାନ୍ତ ଆରମ୍ଭ କରିବା ସହିତ ଘଟଣାର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି । ପୁଲିସ ପ୍ରତ୍ୟକ୍ଷଦର୍ଶୀ ଓ ପୀଡିତଙ୍କ ବୟାନ ନେଇଛି ।

ପୁଣି ଥରେ ଟାରିଫ୍ ବୋମା ପକାଇଲେ ଟ୍ରମ୍ପ :

ଭାରତୀୟ ସୌର ଶକ୍ତି ଉତ୍ପାଦ ଉପରେ ଲାଗୁକଲେ ୧୨୬% ଅତିରିକ୍ତ ଟିକସ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

କେନ୍ଦୁଝର,୨୫/୨(ନି/ପ୍ର): ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ପ୍ରମୁଖ କାର୍ଯ୍ୟକ୍ରମ 'ଦୃଷ୍ଟି' ଅଧୀନରେ ଏବଂ କେନ୍ଦୁଝର ଏଲଲି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ସହଯୋଗରେ ବଡ଼ବିଲ ପେଲେଟ ପ୍ଲାଟଂ, ଟେମ୍ପୁ ମାଇନ୍ସ ଓ ଜାଣିଆ ମାଇନ୍ସ ଅଂଚଳରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । ପେଲେଟ ପ୍ଲାଟଂ ପାର୍ଶ୍ୱବର୍ତୀ ବେଖରେର ଗ୍ରାମ ପଂଚାୟତରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ପେଲେଟ ପ୍ଲାଟଂ ୟୁନିଟ ହେଡ୍ ଶ୍ରୀ ସତୀଶ ସିନ୍ଧୁରିଆ ଉଦଘାଟନ କରିଥିଲେ । ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମର ବହୁ ବିଶିଷ୍ଟ ଲୋକ ଓ ସିଏସଆର ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏହି ଶିବିରରେ ୨୧୪ ଜଣ ଚକ୍ଷୁ ପରୀକ୍ଷା କରାଯାଇଥିଲେ । ଦେବସାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ୧୦୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଜାଣିଆ ମାଇନ୍ସରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ଜିନ୍ଦଲ ଷ୍ଟିଲର ବିଜେଟିଆର କ୍ଲଷ୍ଟର ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର ଉଦଘାଟନ କରିଥିଲେ । ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ବଡ଼ବିଲ ଓ ବାସୁଦେବପୁର ଗୋଷ୍ଠୀ ଚିକିତ୍ସା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସମେତ ଗ୍ରାମବାସୀ, ଜାଣିଆ ମାଇନ୍ସର ଅଧିକାରୀ, ସିଏସଆର ଅଧିକାରୀ ଓ ସ୍ୱାସ୍ଥ୍ୟ ସଂଜିନୀ ଉପସ୍ଥିତ ଥିଲେ । ଏଥିରେ ମୋଟ ୩୪୦ ଜଣ ଚକ୍ଷୁ ପରୀକ୍ଷା କରାଯାଇଥିଲେ । ସେମାନଙ୍କ ମଧ୍ୟରୁ ୨୪୦ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲେ । ପାରିପାର୍ଶ୍ୱିକ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ଓ ସୁରକ୍ଷା ପାଇଁ ଜିନ୍ଦଲ ଫାଉଣ୍ଡେସନ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି । ନିୟମିତ ଭାବେ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ ପାରିପାର୍ଶ୍ୱିକ ଅଂଚଳର ଉଦମ ସ୍ୱାସ୍ଥ୍ୟ ପ୍ରତି ଜିନ୍ଦଲ ଫାଉଣ୍ଡେସନର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି ।

ନିଆରା ଉପାୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ

ହରିଚନ୍ଦନପୁର,୨୫/୨(ନି/ପ୍ର): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ 'ଉଚ୍ଚ ହେବା ପାଇଁ ଜର ଯେବେ ଆଶା, ଉଚ୍ଚ କର ଆଗ ନିଜ ମାତୃଭାଷା ' । ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ରଖିବା ପ୍ରତ୍ୟେକ ମଣିଷର କର୍ତବ୍ୟ । ମାତୃଭାଷାକୁ ଭଲପାଇବା ଓ ତାହାପ୍ରତି ପ୍ରୀତି ବଜାୟ ରଖିବା ଉଚିତ୍। ବିଶେଷ କରି ଆଜିର ଶିଶୁମାନେ ମାତୃଭାଷାର ମହତ୍ୱ ଓ ତା'ର ଗୁରିମାକୁ ଭଲ ଭାବେ ହୃଦୟଙ୍ଗମ କରିବାର ଆବଶ୍ୟକତା ରହିଛି । ଆଧୁନିକତାକୁ ବାହି ଦେଇ ମାତୃଭାଷାକୁ କ୍ରମେ କ୍ରମେ ଅବହେଳା କରିବା ସମସ୍ତଙ୍କୁ ମର୍ମାହତ କରୁଅଛି । ଏପରି ସ୍ଥଳେ ଏହାର ଗୁରୁତ୍ୱକୁ ବୁଝି ତାହା ପ୍ରତି ପ୍ରୀତି, ଶ୍ରଦ୍ଧା ଓ ସମ୍ମାନ ରଖି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଳାପାଟ ଠାରେ ଅଭିନବ ଉପାୟରେ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ ' ପାଳନ ହୋଇଯାଇଅଛି । ଶିଶୁ ମାନେ କିପରି ମାତୃଭାଷା ପ୍ରତି ଶ୍ରଦ୍ଧା ରଖିବା ସହିତ ତାକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବେ ଓ ମାତୃଭାଷାର ମୂଲ୍ୟବୋଧକୁ ବୁଝିପାରିବେ ସେ ବିଷୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଶିଶୁ ସାହିତ୍ୟିକ କ୍ଷମାକର ବେହେରା ଆଲୋଚନା କରିଥିଲେ । ଏହି ପବିତ୍ର ଦିବସରେ ଓଡ଼ିଆ ଭାଷାରେ 'ଆମ ଗୀତ ଆମ ଗପ' ନାମରେ ଏକ ପ୍ରାଚୀର ପତ୍ର ପ୍ରକାଶ କରାଯାଇଅଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୀତାରାନୀ ମହାନ୍ତ ଏହାକୁ ଉନ୍ମୋଚନ କରିଥିଲେ । ଏଥିରେ ପିଲାମାନଙ୍କର ସ୍ୱ ରଚିତ କବିତା ଓ ଗଳ୍ପ ପ୍ରଭୃତି ସ୍ଥାନ ପାଇଛି । ପ୍ରାଚୀର ପତ୍ରର ସମ୍ପାଦକ ଶିକ୍ଷକ କ୍ଷମାକର ବେହେରା ଏହାକୁ ସମ୍ପାଦନ କରିଥିଲେ । ଏହି ଅବସରଟିକୁ ସୁଚାରୁ କରିବା ଦିଗରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତ, ସହକାରୀ ଶିକ୍ଷକ ତପନ କୁମାର ବେହେରା, କଲ୍ଲୁରୀ ନାୟକ, ଆଶୁତୋଷ ଶଙ୍କୁଆ, ଆସ୍ପୋୟାର ସହଯୋଗୀ ରଶ୍ମି ରଞ୍ଜିତା ପାତ୍ର, ଉପ ସଭାପତି ବାଟୁବହାନ ନାୟକ ତଥା ବିଦ୍ୟାଳୟ କମିଟି ଓ ଅଭିଭାବକ ଆଦି ସହଯୋଗ କରିଥିଲେ । ଆଜିର ବିଦ୍ୟବଟିକୁ ସୁରଣୀୟ କରିବା ପାଇଁ ଏହି ଦିବସରେ ସୁନ୍ଦର ହସ୍ତାକ୍ଷର ଲିଖନ, ଗଳ୍ପ ଓ କବିତା ଲିଖନ, ରଚନା ଲିଖନ, ବକ୍ତୃତା ଆଦି କାର୍ଯ୍ୟକ୍ରମ କରାଯାଇଥିଲା ।

ଚମ୍ପୁଆରେ ଦୁଗ୍ଧ ସମବାୟ ସମିତି ଗଠନ ପ୍ରକ୍ରିୟା ଆରମ୍ଭ

ଚମ୍ପୁଆ,୨୫/୨(ନି/ପ୍ର): ଚମ୍ପୁଆ ଲ୍ୟାମ୍ପସ ଅଧିନରେ ଚମ୍ପୁଆଠାରେ ଏକ ଦୁଗ୍ଧ ସମବାୟ ସମିତି ଗଠନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ସଭାକକ୍ଷଠାରେ ଚମ୍ପୁଆ ଏଆରସିଏସ ମଙ୍କଲ ସୋରେନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦୁଝର ଓମଫେଡର ସାଧାରଣ ପରିଚାଳକ (ଜି.ଏମ) ଭକ୍ତ ବଦ୍ଧକ ଜେନା, ପ୍ରବୀଣ କୁମାର ମହାନ୍ତି, ଝୁମ୍ପୁରା କନିଷ୍ଠ ପରିଚାଳକ ଡିଲୋଡମା ନାୟକ, ରଜିଆ ସରଫତ ସନ୍ତୋଷ ନାଏକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ବର୍ତମାନ ଜିଲାର ବିଭିନ୍ନ ସ୍ଥାନରେ ଦୁଗ୍ଧ ସମବାୟ ସମିତି ଗଠିତହୋଇ କେନ୍ଦୁଝର ଓମଫେଡ଼ କୁଶ୍ରୀର ଯାଇଛି । ପୁଣି ସେହିଭଳି ଶ୍ରୀରଗୁଡ଼ିଘାଟ, ଛେନା, ଲଛୁଣି, କ୍ଷୀର, ଦହି, ରାବିଡ଼ି, ପନିର ଆଦିପ୍ରସ୍ତୁତ ହୋଇ ଲୋକମାନଙ୍କ ନିକଟକୁ ଆସୁଛି । ଦେଶୁ ଲୋକମାନଙ୍କର ସହଭାଗିତା ବଢିଲେ ଚାଷୀମାନଙ୍କର ମଧ୍ୟ ଜୁଡ଼ି ହେବା ସହିତ ଜୀବନଧାରଣର ମାନ ବୃଦ୍ଧି ପାଇବ ବୋଲି ପଦାଧିକାରୀ କହିଥିଲେ । ଏହାଛଡା ସରକାରଙ୍କ କାମଧେନୁ ଯୋଜନା ପରି ବହୁ ଯୋଜନାର ଲାଭ ଉଠାଇ ଚାଷୀମାନେ ସଂଗଠିତ ହେଲେ ଆର୍ଥିକ ପ୍ରଗତି ସମ୍ଭବ ହେବ ବୋଲି କହିଥିଲେ ।

ଖଜୁରିଡିହାରେ ଏକଦିବସୀୟ ବ୍ୟାଡମିଂଟନ ପ୍ରତିଯୋଗିତା

କେନ୍ଦୁଝର,୨୫/୨(ନି/ପ୍ର): ପାଟଣା ଥାନା ଅନ୍ତର୍ଗତ ଖଜୁରିଡିହା ଗ୍ରାମରେ ଏକଦିବସୀୟ ବ୍ୟାଡମିଂଟନ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ ସମାରୋହରେ କଭୁଣ୍ଡି ସରପଂଚ ଅନିତା କୁସୁମୁଲିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ବିଜୟ ପଇଦା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମୋହନ ଚରଣ ପାତ୍ର, ହଳଧର ମହାନ୍ତ, ଜଳାକାର ମହାନ୍ତ, ମଧୁସୂଦନ ମହାନ୍ତ, ଭଗବାନ ମହାନ୍ତ, ସୁକାନ୍ତ ମହାନ୍ତ, ମହେଶ୍ୱର ମହାନ୍ତ, ସାମାଜିକ କର୍ମୀ ମନହର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ମୋଟ ୧୬ ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ । ଫାଇନାଲ୍ ମ୍ୟାଚରେ ସୌମ୍ୟରଞ୍ଜନ ମହାନ୍ତ ଓ ଶ୍ରୀକାନ୍ତ ପ୍ରଧାନ ଚମ୍ପିୟାନ୍ ହୋଇଥିବାବେଳେ ବିପୁଳ କୁମାର ସୃଷ୍ଟି ଓ ବିଲ୍ଲାପ କେଜ୍ ଜନନ-ଅପ୍ ହୋଇଥିଲେ । ଖଜୁରିଡିହା ବ୍ୟାଡମିଂଟନ କ୍ଲବର ସୌମ୍ୟରଞ୍ଜନ ମହାନ୍ତ, ନରେଶ ମହାନ୍ତ, ଦେବପ୍ରସାଦ ମହାନ୍ତ, ମୁକେଶ କୁମାର ମହାନ୍ତ, ନିର୍ମଳ କୁମାର ମହାନ୍ତ, ଇନ୍ଦ୍ର ପ୍ରକାଶ ମହାନ୍ତ, ହିମାଂଶୁ ଶେଖର ମହାନ୍ତ, ଗୋଲକ ବିହାରୀ ପାତ୍ର, ଶଶିରଞ୍ଜନ ମହାନ୍ତ, ସଞ୍ଜୟ ପାତ୍ର, ସୁଧୀର ମହାନ୍ତ, ପୂର୍ଣାନନ୍ଦ ନାୟକ, ଶ୍ରୀକାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ ।

ଓଡିଶା ପାରା ଆଥଲେଟ ବିକ୍ରମାଦିତ୍ୟଙ୍କୁ ଭୀମ ଆର୍ମି ପକ୍ଷରୁ ସ୍ୱାଗତ

କେନ୍ଦୁଝର, ୨୫/୨(ନି/ପ୍ର): ଓଡିଶାର ପ୍ରତିଭାଶାଳୀ ପାରା ଆଥଲେଟ୍ ବିକ୍ରମାଦିତ୍ୟ ଜେନାଙ୍କୁ ଆସେବକର ସେବା ସଂଗଠନ ବାଇଲୋ ପରିସରରେ ଭୀମ ଆର୍ମି ଘଷିପୁରା ପକ୍ଷରୁ ଭବ୍ୟ ସ୍ୱାଗତ ଓ ସମ୍ମାନ ଜଣାଇଯାଇଛି । ଘଷିପୁରା ବ୍ଲକ ସଭାପତି ରଶ୍ମିରଞ୍ଜନ ଜେନାଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ସତ୍ୟବ୍ରତ ଜେନା , ବିଜୟ ଜେନା, ଲୋକନାଥ ଜେନା, ତାପସ ଜେନା, ବିକାଶ ଜେନା ସହ ଆସେବକର ସେବା ସଂଗଠନର କାର୍ଯ୍ୟକର୍ତା ସମାଜସେବୀ ଓ ବୁଦ୍ଧିଜୀବୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇ ଆଗାମୀ ଦିନରେ ଆହୁରି ଭଲ ସଫଳତା ଅର୍ଜନ ପାଇଁ ପ୍ରେରଣା ଦେଇଥିଲେ । ସାଇଁଜୁଳ ପତିତପାବନ ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଏବଂ ଏନ୍‌ଏସଏସ ସାମିଲ ହୋଇଥିଲେ ବିକ୍ରମାଦିତ୍ୟ । ଜାତୀୟ ସ୍ତରର ହ୍ୱିଲଚେୟାର ରେସବିରେ ସ୍ୱର୍ଣ୍ଣ ପଦକ ଜିତିବା ସହ ରାଜ୍ୟ ସ୍ତରରେ ୫୫ବେଳି ଜାଭେଲିନ୍ ଥ୍ରୋ, ଶଟ୍ ପୁଟ୍ ଥ୍ରୋରେ ସ୍ୱର୍ଣ୍ଣ ଓ ଡିସ୍କସ ଥ୍ରୋରେ କାଂସ୍ୟ ପଦକ ଅର୍ଜନ କରି ରାଜ୍ୟ ତଥା କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସାଇଁଜୁଳ ଫଂଗାସନ ପଞ୍ଚୁଆ ଗ୍ରାମର ବିକ୍ରମାଦିତ୍ୟ ଗୌରବ ବଢାଇ ଥିଲେ । ତାଙ୍କ ସଫଳତା ଯୁବ ପିଢ଼ୀ ପାଇଁ ପ୍ରେରଣାର ସ୍ରୋତ ହୋଇଉଠିଛି ।

୨ ବାଇକ ମୁହାଁ ମୁହିଁ ଧକ୍କା : ୩ ଗୁରୁତର ୧ ଆହତ

ଚମ୍ପୁଆ,୨୫/୨(ନି/ପ୍ର): ଝୁମ୍ପୁରା ଥାନା ନିକଟରେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ ଚାଳକ ସହ ବାଇକ ରେ ବସିଥିବା ଦୁଇ ଜଣ ରାସ୍ତା ଉପରେ ଛିଟିକି ପଡ଼ିବାରୁ ମୁଣ୍ଡ, ମୁହଁ ଏବଂ ଛାତିରେ ଆଘାତ ଲାଗିଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ । କିନ୍ତୁ ତିନି ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିକ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣା ସ୍ପଷ୍ଟ ବାଇକ ଦ୍ୱୟଙ୍କୁ ପୁଲିସ ଜବତ କରିଥିବା ସୂଚନା ମିଳିଛି ।

କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକର ମା' ଗଡ଼ଚଣ୍ଡୀ ସ୍ପୋର୍ଟସ୍ ଆସୋସିଏସନ ପକ୍ଷରୁ ଚାଲିଥିବା ଗଡ଼ଚଣ୍ଡୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ନିଜ ଭାଷାରେ ପାଠ ପଢ଼ିବେ ଶିଶୁ, ଦୂର ହେବ ମାନସିକ ସଂକୋଚ : କେନ୍ଦୁଝରରେ 'ଆମେ ପଢ଼ିବା ଆମ ଭାଷାରେ' କର୍ମଶାଳା

କେନ୍ଦୁଝର, ୨୫/୨(ନି/ପ୍ର): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି କେନ୍ଦୁଝର ସବର କୁଲ ସଭାଗୃହଠାରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଏକ ଦିବସୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ପ୍ରସ୍ତୁତ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ସେମାନେ ବୁଝୁଥିବା ଓ କହୁଥିବା ମାତୃଭାଷାରେ ଶିକ୍ଷା ଦେବା । ଏହାଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କର ବୌଦ୍ଧିକ ବିକାଶ ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ 'ମୁଣ୍ଡା' (ହୋ) ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଇଛି । ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧିଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ହେଲ୍ପର, ସୁପରଭାଇଜର ଏବଂ ସିଡିପିଓ ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି । ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରବର୍ତନ ।ଶିଶୁ-ମିତ୍ର ଶିକ୍ଷା ପରିବେଶ ସୃଷ୍ଟି । ସ୍ଥାନୀୟ ଲୋକକଥା, ଲୋକଗୀତ ଓ ପରମ୍ପରାକୁ ଶିକ୍ଷାଦାନରେ ସାମିଲ କରିବା । ସହଯୋଗୀ ସଂସ୍ଥା ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୌଜନ୍ୟରୁ ଆୟୋଜିତ ଏହି କର୍ମଶାଳାରେ 'ପ୍ରଥମ' ପରି ସ୍ୱେଚ୍ଛାସେବୀ ସଂସ୍ଥା ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ବୈଷୟିକ ସହଯୋଗ ଯୋଗାଇ ଦେଉଛନ୍ତି । ଏହି କର୍ମଶାଳା ରେ ଉପସ୍ଥିତ ହୋଇ ଉପ-ଜିଲ୍ଲାପାଳ ଜମାକାନ୍ତ ବଦ୍ଧାଲ କହିଥିଲେ 'ଯଦି ଜଣେ ଶିଶୁ ପ୍ରଥମ ଦିନରୁ ନିଜ ଭାଷା ବଦଳରେ ଏକ ଅଜଣା ଭାଷାର ସମ୍ମୁଖୀନ ହୁଏ, ତେବେ ସେ ମାନସିକ ସ୍ତରରେ ସଂକୁଚିତ ହୋଇଯାଏ । ଶିଶୁଟି ଯେପରି ନିଡ଼ର ଖୁସିରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବ, ସେଥିପାଇଁ ମାତୃଭାଷା ଶିକ୍ଷାଦାନର ସର୍ବୋତ୍ତମ ମାଧ୍ୟମ । ଗୁରୁ (ଅଙ୍ଗନବାଡ଼ି କର୍ମୀ) ଓ ଶିଷ୍ୟଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଠିକ୍ ରହିଲେ ହିଁ ଶିକ୍ଷାଦାନ ସଫଳ ହେବ ।ଶିଶୁ ନିଜ ଭାଷାରେ ଶୁଣିଲେ ଓ ଶିଖିଲେ ତାକୁ ଅତି ସହଜରେ ଗ୍ରହଣ କରିପାରିବ । ଏହାଦ୍ୱାରା ପାଠପଢ଼ା ପ୍ରତି ତାର ଆଗ୍ରହ ବଢ଼ିବ । ଶିଶୁମାନଙ୍କୁ ସ୍କୁଲ ପ୍ରସ୍ତୁତି ନିମନ୍ତେ ଦକ୍ଷ କରିବା ଏବଂ ସେମାନଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ଦିଗରେ 'ଆମେ ପଢ଼ିବା ଆମ ଭାଷାରେ' ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏହି କର୍ମଶାଳା ରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ସବିତା ଦାଶ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ

ବିବିଧା

ରାଶି ଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଜାନତ ଖୁସି ଖବର ପାଇପାରନ୍ତି। ପାରିବାରିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମଧ୍ୟରେ ଦୂରତା ଦୂର ହେବ।

ବୃଷ: ବୁଦ୍ଧିମାନେ ଘର କାମରେ ବ୍ୟସ୍ତ ରହିବେ। ଜଟିଳତାରେ ପାଇଁ ଦିନଟି ଭଲ। କୌଣସି କଥାରେ ମାନସିକ ଖୁସୀରହିବ। ଭୋଜନ ସ୍ୱାଦିଷ୍ଟ ହେବ। ପରିବାରରେ ସହଯୋଗ ରହିବ। ପ୍ରେମୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

ମିଥୁନ: ବାଟ ବିଚାରକୁ ଦୂରେଇ ଚାଲନ୍ତୁ। ଜୀବନସାଥୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚ ହୋଇପାରନ୍ତି। ଚାକୁରୀ ସମସ୍ୟା ଭୋଗି ପାରନ୍ତି। ଯୁବାମାନ ମୁହଁକ ଭୁଲରେ ଜମାନ୍ତି ଜଳିବାଜିତ ରହିବେ।

କର୍କଟ: ସମୟର ସଦୁପଯୋଗ କରନ୍ତୁ। ଭୁଲ୍ ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ନମ୍ର ବ୍ୟବହାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

ସିଂହ: ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅପ୍ରତ୍ୟାଶିତ ପଦୋନ୍ନତି ହୋଇପାରେ। ଆତ୍ମବିଶ୍ୱାସ ସମସ୍ୟା ଦୋଳାଇପାରନ୍ତି। ଅପ୍ରତ୍ୟାଶିତ ସମୟରେ ଶେଷ କରିବେ।

କନ୍ୟା: ଅଜ୍ଞାତଙ୍କୁ ଏଡାଇଚାଲ। ବିଶ୍ୱାସ ଭଙ୍ଗ ହେବାର ସମ୍ଭାବନା। ଅଧିକ ଖର୍ଚ୍ଚ ହୁଏ। ବୁଦ୍ଧିଭଲ ବ୍ୟବହାର କରନ୍ତୁ। ଅପ୍ରତ୍ୟାଶିତ ବ୍ୟବସାୟିକ ସହଯୋଗ ରହିବ। ଗୃହୁଣକଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନ ନେବା ଦରକାର।

ତୁଳା: ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ବୁଦ୍ଧି ଚାଳିବି ମିଳିବ। ସନ୍ତାନର ଆଶା। ସ୍ତ୍ରୀ-ସ୍ୱାମୀ ମଧ୍ୟରେ ଭୁଲବୁଝାମଣା ହେଲା ହେବ। ବିଦ୍ୟାର୍ଥୀ ଜଟିଳ ପରିଶ୍ରମ କରିବେ।

ବିଛା: ମାନ ସମ୍ମାନ ବୃଦ୍ଧି ପାଇବ। ଋଣର ଟଙ୍କା ପରିଶୋଧ ପାଇବେ। ଯୋଗ ଏବଂ ପ୍ରାଣାୟାମ କରନ୍ତୁ। ସେବେଶିବାରି ପରିସ୍ଥିତି ସହିତ ଖାପଖାଇବାକୁ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

ଧନୁ: ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ ପଥା ପ୍ରାପ୍ତ ହେବ। ଛାତ୍ରଛାତ୍ରୀ ଚାକିର ପରିକ୍ଷାରେ ସଫଳତା ମିଳିବ। ପୋଟ ଜନିତ ସମସ୍ୟା ଦେଖା ଦେବ। ଚାକିରିରୁ ଆଶାତୀତ ଲାଭ ମିଳିବ ନାହିଁ।

ମକର: ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜବୁତ ହେବ। ପୋଷାକ ଖରିଦ୍ କରିବାର ଯୋଗ ରହିଛି। ବ୍ୟବସାୟରେ ଲାଭ ହୋଇପାରେ। ବ୍ୟବସାୟଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ବିବରଣିଆଲାରେ ନିଶ୍ଚିତ ନିଅନ୍ତୁ ନାହିଁ। ସନ୍ତାନଙ୍କ ବ୍ୟବହାରକୁ ଦେଖି ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଉଟି କ୍ଷେତ୍ରରେ ସଫଳତା ମିଳିବ। ବିଦ୍ୟା ଓ ଅଧ୍ୟବସାୟରେ ରହିବେ।

ମୀନ: ଦୀର୍ଘ ବିଳମ୍ବ ଲାଭି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଦୈନିକ ଜୀବନ ଖୁସିମୟ ହେବ।

ଆଜିର ଇତିହାସ

- ୪୮ ଖ୍ରୀ.ପୂ. ଦକ୍ଷିଣରେ ଦ୍ୱିତୀୟ ଚଣ୍ଡିଆନ୍ ଆପୋଲିଓନ୍‌ର ପ୍ରତିଷ୍ଠା।
- ୪୮ ୨୭ ଖ୍ରୀ.ପୂ. ଇଜିପ୍ତ ନିଜେବିଗଲ ଜନ୍ମ।
- ୪୮ ୧୯୦- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୧୩୩୨୦ ଲୋକଙ୍କ ମୃତ୍ୟୁ।
- ୧୯୪୭- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜପାନ ଗ୍ରାମ୍ ରପରେ ଆକ୍ରମଣ କଲା।
- ୨୦୦୯- ପାକିସ୍ତାନର ମେଖୋରା ମସଜିଦରେ ବୋମାମିଳା ଆକ୍ରମଣ ଘଟାଇ ଲୋକଙ୍କ ମୃତ୍ୟୁ ଓ ୨୦୦ରୁ ଅଧିକ ଆହତ।

ବାରମ୍ବାର ଖାଦ୍ୟ ଗରମ କରିବା ବଢ଼ାଏ କର୍କଟ ଆଶଙ୍କା

ଚାଉଳ ଗରମ ଖାଦ୍ୟ ଖାଇବାକୁ ଯାଇଚାଣ୍ଡ କରନ୍ତି। ଏହି କାରଣରୁ ଅନେକ ଖାଦ୍ୟ ଅଖା ହୋଇଗଲା ପରେ ଟି ଗରମ କରି ଖାଆନ୍ତି। ହେଲେ ଖାଦ୍ୟକୁ ବାରମ୍ବାର ଗରମ କରି ଖାଇଲା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇ ଟିକେଶଙ୍କାମାନେ ମତ ରଖିଛନ୍ତି। ଖାଦ୍ୟକୁ ବାରମ୍ବାର ଗରମ କରି ଖାଇଲା ଦ୍ୱାରା ପୋଷକତତ୍ତ୍ୱ ନଷ୍ଟ ହୋଇଥିବା ସହ ଏହା ବିଷାକ୍ତ ହୋଇଯାଇଥାଏ। ଏହି ଅଭ୍ୟାସ କେବଳ ପାଚନତନ୍ତ୍ର ଉପରେ ପ୍ରଭାବ ମଜାଏ ନାହିଁ ବରଂ, ଦୀର୍ଘ ଶରୀରରେ ଟିକାକ୍ରମ ମଧ୍ୟ ଜମା କରି ଜଟିଳ ରୋଗର କାରଣ ହୋଇଥାଏ। ବିଶେଷଜ୍ଞଙ୍କ ଅନୁସାରେ, ବାରମ୍ବାର ଗରମ କରାଯାଇଥିବା ଖାଦ୍ୟ ଖାଇଲେ ଶରୀରକୁ ଖଣ୍ଡିକ ମିଳେକାଣିଁ। ଏପରିକି ଖାଦ୍ୟ ଭଲ ଭାବରେ ହଜମ ମଧ୍ୟ ହୋଇ ନ ଥାଏ। ଶରୀରକୁ ଧୀରେ ଧୀରେ ଦୁର୍ବଳ କରିଦିଏ। ଏହି ଏହା ରୋଗ ମଧ୍ୟ ବଢ଼ାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଗରମ ଖାଦ୍ୟକୁ ଆଉଥରେ ଗରମ କରିବା ସମୟରେ ଏହାର ପୋଷକତତ୍ତ୍ୱ ପ୍ରାୟ ପ୍ରାୟ ୨୦ ପ୍ରତିଶତ ଭିଟାମିନ୍ ସେରିସିସିନ୍ ଥିବା ଦରକାର, ସତ୍ୟରା ଏଥିରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ। ତେବେ ଖାଦ୍ୟକୁ ମାତ୍ର ଥରେ ଗରମ କରିବା ଆବଶ୍ୟକ। ବାରମ୍ବାର ଖାଦ୍ୟ ଗରମ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ନଷ୍ଟ ହେବା ସହ କିଛି ଖାଦ୍ୟ ପଦାର୍ଥରେ କର୍କଟରୋଗର ରସାୟନ ସୃଷ୍ଟି ହୋଇଥାଏ। ଅଧ୍ୟୟନ ଟିକେଳକୁ ବାରମ୍ବାର ଗରମ କରିବା ଦ୍ୱାରା ଏଥିରେ ଥିବା ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଏଥିରେ ଯୌଗିକ ପଦାର୍ଥ ଜମା ହେବା ଜଣ୍ଡିକଳ ହୋଇ ମାନ୍ଦ୍ୟ। ନେଗେଟିଭ ରାଶି ମାଇମିଶା ଭାବ ଓ ପାଚନରେ କୀଟାଣୁ ବୃଦ୍ଧି ହୋଇପାରନ୍ତି। ଏହାକୁ ଦ୍ୱିତୀୟ ଥର ଗରମ କରିଲେ ବି ଏଥିରେ ଥିବା ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଏଥିଯୋଗୁଁ ଏହା ଏପରିକି ଯେପରି ଅଧିକାଂଶ ବୃଦ୍ଧି ପାଏ। ଆଜୁ, ଚେନ୍ଦୁ, ଛତୁଆଦି ଖାଦ୍ୟଗୁଡ଼ିକୁ ଭଲମନ୍ଦ ଦିନ ଦ୍ୱାରା ଏଣ୍ଡିଲାମାନ୍ଦ୍ ମାନ ରସାୟନ ସୃଷ୍ଟି ହୋଇଥାଏ, ଯାହା କାର୍ସିନୋଜେନିକ ରସାୟନ ଅଟେ। ଏପରି ଖାଦ୍ୟ ଦୀର୍ଘଦିନ ଧରି ସେବନ କରିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଯାଏ। ସବୁବେଳେ ତାଜା ଓ ସୀମିତ ମାତ୍ରାରେ ଖାଦ୍ୟ ପ୍ରସ୍ତୁତ ପାଇଁ ଭଲଯାଏ ଆଉଁସରେ ଓ ବିଜ୍ଞାନରେ ପରାମର୍ଶ ଦିଆଯାଇଛି।

'କିସ୍ କିସ୍ କୋ ପ୍ୟାର୍ କରୁଁ ୨'

ବଲିଉଡ ଫିଲ୍ମ କପିଲ ଶର୍ମାଙ୍କ ଫିଲ୍ମ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'ର ରିଲିଜ୍ ଡେଟ୍ ପୋଷଣା ହୋଇଛି। କେବଳ ସେତେବେଳେ ନୁହେଁ, ଏହି ଫିଲ୍ମରେ କପିଲ ଶର୍ମା ଜୁଟି ବାଁଧିଛନ୍ତି ବେଶ୍ ପରନ ଆଣ୍ଟିଲିଆ। ଏବେ ବେଶ ଦର୍ଶ ପରେ ଏହାର ଫିଲ୍ମର ଟ୍ରାଲିର ରିଲିଜ ହେଲା ପରେ ପୂର୍ବରୁ ଫିଲ୍ମ ନିର୍ମାତା ଏହାର ପୋଷ୍ଟର୍ ଜାରି କରିଥିଲେ। ଆଜ ଏବେ କପିଲ ଜନ୍ମଦିନ ଏବଂ ଗୋସନ୍ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ପୋଷ୍ଟରରେ ଜାହିଲିଜ କରିଥିବା ଦାନ୍ଦୁ

ପାଲିଜିରେ ଭଠାଲିଆର ଦେଖାଯାଇଛନ୍ତି। ଏହା ଡିସେମ୍ବର ୧୯ରେ ପରଦାକୁ ଆସିବ। ଫିଲ୍ମରେ କପିଲଙ୍କ ସହ 'ପୁଷ୍କର' ଫେମ୍ ମାନଜୋତ ସିଂହ, ଆ ଏଣ୍ଡ ଖାନ, ହାଜା କର୍ଣ୍ଣା, ପରୁଲ ଗୁଲାଟି, ଶ୍ରିୟା ଚୌଧୁରୀ ନଜର ଆସିବେ। ଏଥିରେ କପିଲ୍ ବିଲିନ୍ଦ୍ ଧର୍ମର ବାଲିକାଙ୍କ ମଧ୍ୟରେ ବିବାହ କରିଥିବାର ଦେଖାଯିବେ।

ଚାଉଳ ଓ ଗହମରେ ଉପସ୍ଥିତ ଓଷଧ ଅବଶେଷ ବିପଜ୍ଜନକ

ବର୍ତ୍ତମାନ ପରିବେଶ ଖରାପ ପ୍ରାଣ୍ଟିଷ୍ଟ ଏବଂ ବହୁ ସମସ୍ୟା ପାଇଛିଁ। ଖାଦ୍ୟ ସାଇଟ ପରେ ଜେନରର ରିପୋର୍ଟ ଅନୁସାରେ, ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ୫ ଗ୍ରାମ୍ ପର୍ଯ୍ୟନ୍ତ ପ୍ରାଣ୍ଟିଷ୍ଟ ଖାଇଥାଏ। ଏହି ଜୁମରେ ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ଏକ ଲେନ୍ଦିନ୍ ଜାର୍ଡ ଆକ୍ରାଲିଲ ପ୍ରାଣ୍ଟିଷ୍ଟ ଖାଇଥାଏ। ଅନ୍ୟପକ୍ଷେ ପ୍ରାଣ୍ଟିଷ୍ଟ୍ କରିବା କେବେବେବେ ପାଣିରେ ଘୋଳାଇ ରେଖେ ଆଉ ରେଖେବେବେ ଏହା ପ୍ରତିଷ୍ଠିତ ବାଣ୍ଟିରେ ମିଶିଥାଏ। ଦେହିପରି ଏକ ରିପୋର୍ଟ ଅନୁସାରେ, ପ୍ରତି ମାସରେ ଆମ ଶରୀରରେ ୨୦ ଗ୍ରାମ୍ ପ୍ରାଣ୍ଟିଷ୍ଟ ଏବଂ ବର୍ଷରେ ୨୫୦ ଗ୍ରାମ୍ ପ୍ରାଣ୍ଟିଷ୍ଟ ଜମା ହୁଏ। ଫଳରେ ସମସ୍ତ ସହିତ ଏବଂ ଗେଷ୍ଟ୍ରୋଲୋଜିର ବିକାଶ ସଚିବାରୁ ଏହାର ପରିମାଣ ବି ଦିନକୁ ଦିନ ବୃଦ୍ଧି ପାଇଛି। ଏହା ଲମାଣୁଁ କେବଳ ସ୍ୱାସ୍ଥ୍ୟ ଖରାପ ହୁଏ ବାହା କୁହେଁ, ବରଂ କର୍କଟ ଜଳିମାରାମାନ୍ଦ୍ ରୋଗର ବେଶୀ ଆଶଙ୍କା ବୃଦ୍ଧି ପାଏ। ଯଦି

ପ୍ରାଣ୍ଟିଷ୍ଟ ପରିବେଶ ବା ମାଟିରେ ଜିପ୍ସମ ଥେବ ନାହିଁ, ତେବେ ଖାଦ୍ୟରେ ଏହା ଦିଆଯିବା ବିପଜ୍ଜନ ହେବ ସେବଣ ଟିପ୍ସ ବରିଷ୍ଠ ବରଦାରା। ରେଣ୍ଟ୍ରମାରାମ୍ବ ରସାୟନ ଏବଂ ପାଟିକିଲରେ ଟିଷ୍ଟାଧି ପ୍ରାଣ୍ଟିଷ୍ଟ୍ ବେଶୀ ଜମି ଲାବେ କ୍ଷତି ପହଞ୍ଚାଇପାରେ ଏପରି ଅନୁମାନ କରିବାରୁ ଅଛି। ଏହା ଛାଡ଼ା ପ୍ରାଣ୍ଟିଷ୍ଟ୍‌ରେ ସୀସା ଏବଂ ଆର୍ସେନିକର ବ୍ୟବହାର ହୁଏ। ଯାହାକି ଅନ୍ୟତ୍ର ବିଷାକ୍ତ। ଚକ୍ରପାନଦା, ଲିଙ୍ଗେଶ୍ୱର, ମସ୍ତିଷ୍କ କର୍କଟ, ସ୍ତନ କର୍କଟ ଭଳି ଅନ୍ୟାନ୍ୟ ବହୁ ବହୁ ରୋଗ ପ୍ରାଣ୍ଟିଷ୍ଟ ଯୋଗୁଁ ହୋଇପାରେ। ଅନ୍ୟପକ୍ଷେ ଏହି ଲୋକ ମଣିଷ ଶରୀରକୁ ମୂଲ୍ୟ ଖରାପ କରିପାରେ। ଏପରିକି ଏହା ଯୋଗୁଁ ଜୀବନ ଯିବା ଆଶଙ୍କା ଅଛି।

ସୁବର୍ଣ୍ଣ

ଆଳୁଲଗା ଯନ୍ତ୍ର

ଆମ ରାଜ୍ୟରେ ନାତନ୍ତ ଅତି ଚାଷୀ ଆଳୁ ଚାଷ କରନ୍ତି। ଅଳ୍ପ ଜମିରେ ମାଟିରେ ଆଳୁ ଚାଷ ଭଲ ହୋଇଥାଏ। ଆଳୁ ଚାଷ ମୁଖ୍ୟତଃ ରବିଦୁଇ ହୋଇଥାଏ। ଚାଷୀମାନେ ପାରମ୍ପରିକ ପ୍ରଣାଳୀରେ ମାଟି ପ୍ରସ୍ତୁତ କରେ ଦିନକୁ ଲଗାଇଥାନ୍ତି। ଏକର ଜମିରେ ଆଳୁ ଯଗାଇବାକୁ ୪୨ ରୁ ୫ ଜଣ ଲୋକ ନିୟୋଜିତ ହୋଇଥାନ୍ତି। ଏଥିପାଇଁ ଚାଷ

ଖର୍ଚ୍ଚ ସମୟ ଲାଗେ। ଖର୍ଚ୍ଚ ବଢ଼ନ୍ତି। ହେଲେ ଏବେ ବଜାରରେ ଏକ ଅନ୍ୟାଧୁନିକ ମେସିନ୍ ଉପଲବ୍ଧ ରହିଛି। ଯେଉଁଥିରେ ଆଳୁ ଚାଷ ଲଗାଇବା ସହଜ ହେବ। ପଟାଟୋ ପ୍ଲାଣ୍ଟର ନାମର ଏହି ମେସିନ୍‌ଟି କିଛି ଘଣ୍ଟାରେ ଆଳୁ ବିହନ ଲଗାଇଥାଏ। ଯନ୍ତ୍ରଟି ଏକାକୀ ଚାଲିଲା ମାତ୍ର ୫୪ଘଣ୍ଟାରେ ମିନିଟ୍‌ରେ ଦିନକୁ ଦୁଇଥର। ଏହି ଯନ୍ତ୍ର ଦିନକୁ ଲଗାଇବା ସହ ଦୀର୍ଘ ଦୂରତ୍ୱରେ ବିହନ ରୋପିଥାଏ। ଖତ ଏବଂ ମାଟି ପ୍ରୟୋଗ କରିବାରେ ସକ୍ଷମ ହୁଏ। ଏହି ଯନ୍ତ୍ରଟି ଟାକ୍ଟର ସାହାଯ୍ୟରେ ଚାଲିଥାଏ। ଆଳୁ ଲଗାଯାଉଛେ ଆଳୁ ବିହନକୁ ଜାଳିରେ ରଖିବାକୁ ହୁଏ। ଚକପାଖୁରୁ ଗୋଟିଏ ଲୋଟି ଏ ଲଗାଇ ଦୀର୍ଘ ଦୂରତ୍ୱରେ ପଳାଇବାକୁ ଯନ୍ତ୍ରଟି ଖାଲ ଖୋଳିଥାଏ। ଏଥିପାଇଁ ଯନ୍ତ୍ରଟିର ଲେଟ୍ ରହିଛି। ନିଜେ ଯନ୍ତ୍ରଟି ଖତ ପ୍ରୟୋଗ କରୁଥିବାରୁ ଥିବାରୁ ପରଲ ସମାନ ଭାବେ ବଢ଼ିଥାଏ।

ଅର୍ଥନୈତିକ ବିକାଶ ପଥେ ଆଖଣ୍ଡଳମଣି ଏଫ୍‌ପିଓ

କୃଷକଙ୍କ ଆୟବୃଦ୍ଧି, ବଜାର ପ୍ରବେଶକୁ ସୁଦୃଢ଼, ଆମ୍ବୁଲିକ କାର୍ଯ୍ୟ ମାଧ୍ୟମରେ ସଶକ୍ତ କରିବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଢ଼ାଇଆସନ୍ତି। କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏବଂ ନୂଆ ପଥ ଦେଖାଇ ଅଳନ୍ୟ ଭୂମିକା ଦୃଢ଼ାଇଛି ଇଦୁଜ ଜିଲ୍ଲା ଧାମନଗର ବ୍ଲକ୍‌ରେ ଅବସ୍ଥିତ ଆଖଣ୍ଡଳମଣି କୃଷକ ଉତ୍ପାଦକ ସଂଗଠନ। ୫୦୦ ଜଣ ସଦସ୍ୟଙ୍କୁ ନେଇ ୨୦୬୧ ମସିହାରେ ଏହି କୃଷକ ସଂଗଠନ ପଞ୍ଜୀକୃତ ହୋଇଥିଲା। ସଂଗଠନଟି ବାଣିଜ୍ୟିକ ଅଭିବୃଦ୍ଧି ସମେତ ସାମାଜିକ ସଶକ୍ତିକରଣ ପାଇଁ ଏକ ମାଧ୍ୟମ। ଏହା ସ୍ଥାନୀୟ ଚାଷୀମାନଙ୍କୁ ନିଜ ଉତ୍ପାଦ ବିକ୍ରୟ କରିବା, ସ୍ଥାୟୀ ଆୟ, ଆର୍ଥିକ ସ୍ଥିରତା ଏବଂ ଜୀବନର ଉନ୍ନତ ଗୁଣବତ୍ତା ପ୍ରଦାନ କରିଥାଏ।

ସ୍ଥାନୀୟ ଚାଷୀଙ୍କୁ ସଂଗଠନ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ନୂତନ ଜ୍ଞାନକୌଶଳ ପ୍ରୟୋଗ ବ୍ୟବସାୟରେ ଲାଭ କରିବା ଏହି ସଂଗଠନର ମୂଳ ଲକ୍ଷ୍ୟ। ଏହି ସଂଗଠନଟି ଜାଲି, ପନିପରିବା, କୁହୁଡ଼ା ପାଚନ ଭଳି ପ୍ରମୁଖ କାର୍ଯ୍ୟକଳାପରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦକ୍ଷତା ବଢ଼ାଇ ସହିତ ସହଯୋଗ ଜୀବନକୁ ପରିବର୍ତ୍ତନ କରିବାରେ ସହାୟକ ହୋଇପାରିଛି। କୃଷି ଶିକ୍ଷାର କ୍ଷେତ୍ର, ମାଟିଚାଷ, ଏନ୍‌ଏଫ୍‌ଏସ୍‌ଏମ୍, ଗୋଲକୋ ମାଇକ୍ରୋସେବ୍ ଜରି ବିଭିନ୍ନ ସରକାରୀ ଚାଷ ସେବାକାରୀ ସଂସ୍ଥା ପାଖରୁ ଏହି ସଂଗଠନକୁ ଆର୍ଥିକ ସାହାଯ୍ୟ ମିଳିଛି। ସଂଗଠନଟି ଏକତ୍ରୀକରଣ, ବିପଣନ, ବିହନ, ସାର, କୀଟନାଶକ, ଜୈବିକ ସାର ପ୍ରଭୃତିର ବଣ୍ଟନ, ସ୍ଥାନୀୟ ଚାଷିର ମୂଲ୍ୟବୃଦ୍ଧି, ଅମଳ ପରବର୍ତ୍ତୀ ପରିଚାଳନାରେ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଷିମାନଙ୍କ ମଧ୍ୟରେ ଆଗରେ ହୋଇପାରିଛି। ତା ସହିତ ସଂଗଠନଟି ଚାଷୀଙ୍କୁ ବଜାର ସହିତ ସିଧାସଳଖ ଯୋଡ଼ିହେବାକୁ ସୁଯୋଗ ଦିଏ।

ଓଡ଼ିଶା କୃଷି ଓ ବୈଦେଶିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ଏଗ୍ରେସ ଆଟ୍ ଏଣ୍ଟରପ୍ରେନ୍ସ' ମାଧ୍ୟମରେ କୃଷି ଶିକ୍ଷାର କ୍ଷେତ୍ର, ଉତ୍ପାଦ ସହାୟତାରେ ଉପଯୁକ୍ତ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି। ଫଳରେ ଚାଷୀମାନେ ଲାଭାନ୍ୱିତ ହୋଇପାରୁଛନ୍ତି। ଚାଷୀଙ୍କୁ ବିଭିନ୍ନ ସେବା ଯୋଗାଇ ଦେବା ସମୟରେ ଏହି ସଂଗଠନ ଜାତୀୟ ଲୋକ ପୋଷ, ଜଳିବ ମୂଲ୍ୟକ ଅଭାବ ଆଦି ଅନେକ ସମସ୍ୟା ଦେଖା ଦେଇ ଜଣିଛି। ଏହାର ସମାଧାନ ସମ୍ଭବ ମଣ୍ଡାଣ୍ଡିବାର ବଜାର, ସଂଗଠନ, ଯାନ୍ତ୍ରିକ ବିପଣନ ଓ ଆଧୁନିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ, ଆଧୁନିକ ଜ୍ଞାନ ଓ କୌଶଳ ଜନିତ କାର୍ଯ୍ୟଶାଳା, ଶିକ୍ଷାମୂଳକ ପରିଭ୍ରମଣ, ବୃହତ୍ତର ପାଚନ ପାଇଁ ପଣ୍ଡ ବିମିଶ୍ରା ସହାୟତା ଓ ଟିକାକରଣ ପ୍ରଦାନ, ଫସଲ ବିବିଧୀକରଣ ଜଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିପାରିଛି। ଯୋଜନା ଏବଂ ଲଗ ସୂଚିଧ୍ୟ ପାଇବା ପାଇଁ ବିଭିନ୍ନ ସରକାରୀ ଏଜେନ୍ସୀ ଓ ରାଜ୍ୟ ସରକାରଙ୍କ ସହିତ ସମନ୍ୱୟ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଅମଳ ପରବର୍ତ୍ତୀ ଖାଦ୍ୟ ଭଣ୍ଡାର ପରିଚାଳନା ପ୍ରକଳ୍ପ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନୂତନ ବଜାର ସଂଯୋଗକରଣ ବ୍ୟବସ୍ଥା ଆଦି କରିବାର ଲକ୍ଷ୍ୟ ରଖିଛି ଏହି କୃଷକ ଉତ୍ପାଦକ ସଂଗଠନ।

ରୋଷେଇ ବର୍ଜ୍ୟରୁ ତରଳ ଔଷଧ

ଗଛରୁ ପ୍ରାପ୍ତବିକ ଖତ ଦେବାକୁ ନାହିଁନୁଗଲେ ରୋଷେଇଘରୁ ତରଳ ଜୈବିକ ଖୋଳ ପ୍ରସ୍ତୁତ କରିଯାଇପାରିବେ। ଏହି ଜୈବିକ ଖୋଳରେ ପୁଷ୍ଟି ତତ୍ତ୍ୱ, ଖଣିଜ, ଭିଟାମିନ୍ ଥାଏ। ଏହା ଫସଲକୁ ପୋଷକତତ୍ତ୍ୱ ପ୍ରଦାନ କରିବା ସହ ମାଟିର ଗୁଣବତ୍ତାକୁ ବଜାୟ ରଖି ଗଛ ବୃଦ୍ଧିରେ ସହାୟକ ହୁଏ।

ପ୍ରତିଦିନ ଧୂଳିରା ପାଣିରେ ଜମା ପୋଷକତତ୍ତ୍ୱ ରହିଛି। ସେହି ପାଣିକୁ ଏକପାତ୍ରରେ ରଖି ସେଥିରେ ପରିବା ଓ ଫଳ ଛୋଟା ମଞ୍ଜାଳ ମଞ୍ଜ ମାଟି ଓ ଗଣ୍ଡାଳାର ମଞ୍ଜାଇଲେ ପାଣିରେ ଜୈବିକ ତତ୍ତ୍ୱ ବଢ଼ିଯାଏ। ପୋଷକତତ୍ତ୍ୱ ଦଖଲି ଯାଏ। ଏହି ପାଣିକୁ ଚାଉଳ ଧୋଇବା ପରେ ପଣ୍ଡ ଦିଆଯା ସହାଯାତ୍ରା ଓ ଟିକାକରଣ ପ୍ରଦାନ, ଫସଲ ବିବିଧୀକରଣ ଜଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିପାରିଛି। ଯୋଜନା ଏବଂ ଲଗ ସୂଚିଧ୍ୟ ପାଇବା ପାଇଁ ବିଭିନ୍ନ ସରକାରୀ ଏଜେନ୍ସୀ ଓ ରାଜ୍ୟ ସରକାରଙ୍କ ସହିତ ସମନ୍ୱୟ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଅମଳ ପରବର୍ତ୍ତୀ ଖାଦ୍ୟ ଭଣ୍ଡାର ପରିଚାଳନା ପ୍ରକଳ୍ପ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନୂତନ ବଜାର ସଂଯୋଗକରଣ ବ୍ୟବସ୍ଥା ଆଦି କରିବାର ଲକ୍ଷ୍ୟ ରଖିଛି ଏହି କୃଷକ ଉତ୍ପାଦକ ସଂଗଠନ।

ହାତରୁ ଜାଣନ୍ତୁ ମାଟିର ଆର୍ଦ୍ରତା

ଦିନର ଦିହନ ଦୁଶିରା ପୂର୍ବରୁ ଚାଷୀମାନ ମାଟିର ଉର୍ବରଶକ୍ତି ଓ ଆର୍ଦ୍ରତା ପରୀକ୍ଷା କରିଥାନ୍ତି। ଅବଶ୍ୟ ଏଥିପାଇଁ ମାଟିକୁ ଲାଖାକୁ ଦେବାକୁ ପଡ଼ିଥାଏ। ହେଲେ ଏବେ ଜଣେ ହେଁସ୍ଟ ଜିନ୍ଦ ହାତରେ ହି ମାଟିର ଆର୍ଦ୍ରତା ବିଷୟରେ ଜାଣିପାରିବେ। କୃଷି ବିଶେଷଜ୍ଞଙ୍କ ମତରେ ମାଟିରେ ଉପୁଜିବ ଆର୍ଦ୍ରତା ଥିବେ ରୋଗିଣ, ବଣ୍ଡା, ମସୁର, ମକର ଏବଂ ଗହମ ଆଦି ବାଲି ପାଇଁ ଦୁଶାଦୁଶି କରିବାକୁ ଭଲ ସମୟ। ବେଶୁ ମାଟିର ଆର୍ଦ୍ରତା ପରୀକ୍ଷା କରିବାକୁ ପ୍ରଥମେ ମାଟିକୁ ହାତଘେପୁଟା ଭଳିଆକୁ ହୁଏ। ଯଦି ମାଟି ହାତ ପାଟୁଲିରେ ଭାଙ୍ଗି ଯାଉଥା

ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୨୬ ଫେବୃଆରୀ ୨୦୨୬

ଶିକ୍ଷାରେ ପ୍ରାଥମିକତା

ଶିଶୁ ଶ୍ରେଣୀରୁ ପିଲାର ପାଠ ପଢିବା ଆରମ୍ଭ ହୁଏ ଓ ପ୍ରାଥମିକ ଶିକ୍ଷା ହେଉଛି ଶିଶୁର ମୂଳଭୂତ ଓ ପ୍ରାଥମିକ ଶିକ୍ଷାରୁ ଶିଶୁର ପାଠ ପଢ଼ିବାର ଆଗ୍ରହ ସୃଷ୍ଟି ହୁଏ,ଶିକ୍ଷକମାନେ ତା'ର ଭୁଲ,ଉଚ୍ଚାରଣ ସୁଧାର କରିଥାନ୍ତି,କଠୋର ଆଲିମୁଖ୍ୟ ଗ୍ରହଣ କରିଥାନ୍ତି ଓ ଭବିଷ୍ୟତରେ ମାଧ୍ୟମିକ, ମହାବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ, ସରକାର ଶିକ୍ଷା କ୍ଷେତ୍ରରେ ପ୍ରାଥମିକ ସ୍ତରୀୟ ଶିକ୍ଷାରୁ ପ୍ରାଥମିକତା ଦେବା ନିତାନ୍ତ କରୁରୀ ଓ ଅଧିକରୁ ଅଧିକ ସଂଖ୍ୟାରେ ପିଲା କିପରି ପ୍ରାଥମିକ ଶିକ୍ଷାର ସୁଯୋଗ ପାଇବେ,କେମିତି ସହଜ ଓ ସରଳ ପ୍ରକ୍ରିୟାରେ ସେମାନେ ନାମ ଲେଖାଇ ପାରିବେ, ନିୟମିତ ସ୍କୁଲକୁ ଆସିବେ ଏସବୁ ଦାୟିତ୍ୱ ବହନ କରନ୍ତି ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ତତ୍ୱାବଧାନରେ ସମସ୍ତ ଶୈକ୍ଷିକ କାର୍ଯ୍ୟ ସମ୍ପାଦିତ ହୋଇଥାଏ ଓ ପିଲାମାନେ ଶୃଙ୍ଖଳିତ ହୋଇଥାନ୍ତି, ସେମାନଙ୍କର ଆଚରଣ ଓ ଭଲାଗଣ ପ୍ରତି ଶିକ୍ଷକ ମାନଙ୍କର ଧ୍ୟାନ ରହିଥାଏ ଓ କିଛୁ ଅତ୍ୟନ୍ତ ଦୁର୍ଲାଭ୍ୟାର ବିଷୟ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଯେତିକି ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଇ ନାହିଁ ଓ ମଧ୍ୟମିକ ଓ ଉଚ୍ଚତ୍ର ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ଓ କେବଳ ଆମ ରାଜ୍ୟରେ ନୁହେଁ,ସମଗ୍ର ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରାଥମିକ ଶିକ୍ଷା ଅବହେଳିତ ଓ ବିପର୍ଯ୍ୟସ୍ତ ଓ ଆମ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ଓ ମଡେଲ ସ୍କୁଲରୁ ଆରମ୍ଭ କରି ଶିକ୍ଷକ ନିଯୁକ୍ତି ଯାଏ ପ୍ରାଧାନ୍ୟ ଦିଆଯାଉଛି ଓ ହେଲେ ରାଜ୍ୟର ୮୦ ପ୍ରତିଶତ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକରେ ଚାଲିଛି ସ୍କୁଲ ଓ ଏପରି ଏହି ଗୁରୁ ଦାୟିତ୍ୱ ବହନ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଶିକ୍ଷକ ଓ ବାଧ୍ୟ ବାଧକତାରେ ଦାୟିତ୍ୱ ନେଉଛନ୍ତି ହେଲେ ସେହି ଶିକ୍ଷକମାନେ ପାଠ ପଢ଼ାଇବେ ନା ସରକାରୀ କାର୍ଯ୍ୟକ୍ରମକୁ ଦେଖିବେ,ସେ ନେଇ ସଂଜଟରେ ରହୁଛନ୍ତି ଓ ରାଜ୍ୟରେ ୪୫ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟ ରହିଛି ଓ ଏଥିରେ ପ୍ରାଥମିକ,ଉଚ୍ଚତ୍ର ପ୍ରାଥମିକ ଓ ମାଧ୍ୟମିକ ମଧ୍ୟ ଅନ୍ତର୍ଭୁକ୍ତ ଓ ସବୁଠୁ ଆଶ୍ଚର୍ଯ୍ୟର କଥା ଯେଉଁଠି ହାଇସ୍କୁଲ ରହିଛି ସେଠାରେ ଅଧିକାଂଶ ସ୍କୁଲରେ ସେଠାରେ ଅଧିକାଂଶ ସ୍କୁଲରେ ସ୍ୱତନ୍ତ୍ର ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯାଇଛି ଓ ଓଡିଶା ଶିକ୍ଷା ସେବା (ଓଇଏସ) ରାଙ୍କ ର ଅଧିକାରୀଙ୍କୁ ନିଯୁକ୍ତି ମିଳିଛି ଓ ସେଉଁଠି ପ୍ରାଥମିକ,ଉଚ୍ଚତ୍ର ପ୍ରାଥମିକ ଓ ହାଇସ୍କୁଲ ମିଶି ରହିଛି ସେଠାରେ ଜଣେ ପ୍ରଧାନ ଶିକ୍ଷକ ପ୍ରାଥମିକ ସ୍କୁଲର ଦାୟିତ୍ୱ ମଧ୍ୟ ସମାଳୁଛନ୍ତି ଓ ପ୍ରାଥମିକ ସ୍କୁଲର ଦୂରବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି ଓ ସରକାରୀ ତଥ୍ୟ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ୬୭୮ ଟି ବରିଷ୍ଠ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଥିବାବେଳେ,ଉଚ୍ଚତ୍ର ପ୍ରଥମିକରେ ୧୨,୨୨୫ଟି ବରିଷ୍ଠ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଛି ଓ ମୋଟ ୧୮ ହଜାର ୨୦୯ଟି ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି ଓ ଜହିକାକୁ ଗଲେ ପ୍ରାୟ ୮୦ରୁ ୮୫ ପ୍ରତିଶତ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ ଯେଉଁଥିପାଇଁ ସରକାର ତୁରିତ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ ଓ ପ୍ରାଥମିକ ସ୍କୁଲରେ ସିଧାସଳଖ ନିଯୁକ୍ତି ନେଇ କୌଣସି ସରକାରୀ ପ୍ରାବଧାନ ନାହିଁ ଓ ସରକାର ଏହି ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ ଓ ସମସ୍ତ ପ୍ରାଥମିକ ସ୍କୁଲରେ ସିଧାସଳଖ ପ୍ରଧାନ ଶିକ୍ଷକ ନିଯୁକ୍ତି ପ୍ରାବଧାନ ନେଇ ସରକାର ତୁରନ୍ତ ବିଚାର କରନ୍ତୁ ଏବଂ ସେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନର ସୁବନ୍ଦୋବସ୍ତ କରାଯାଉ । ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବା ପାଇଁ ଟଣା ଓଟରା,ଅନିଚ୍ଛା ପ୍ରକାଶ ଅନେକ କ୍ଷେତ୍ରରେ ବିଡ଼ିନ୍ତ୍ର ପରିସ୍ଥିତି ସୃଷ୍ଟି କରୁଥିବା ଦୃଷ୍ଟିରୁ ଏପରି ପରିସ୍ଥିତିର କିପରି ନିର୍ଣ୍ଣାୟକ ସମାଧାନ ହୋଇପାରିବ,ସେଇ ଦିଗ ଗୁଡିକ ଉପରେ ସମ୍ବେଦନଶୀଳତାର ସହିତ ବିଚାର କିମର୍ଶ କରି ନିଷ୍ପତ୍ତି ଗ୍ରହଣ କରାଯିବା ନିହାତି ଆବଶ୍ୟକ ଓ ଅନେକ କ୍ଷେତ୍ରରେ ଦେଖାଯାଉଛି ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବାକୁ ଅମଗ୍ର ଶିକ୍ଷକଙ୍କୁ ବୁଜ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ବୁଝାସୁଝା କରି ଜୋରଜବରଦସ୍ତ ଦାୟିତ୍ୱ ପ୍ରଦାନ କରୁଛନ୍ତି ଓ ଯେଉଁଠି ଜଣେ ମାତ୍ର ଶିକ୍ଷକ ଅଛନ୍ତି, ସେଠାରେ ପରିସ୍ଥିତି ସାଙ୍ଘାତିକ ହେଉଛି ଏବଂ ଏହାର ଗୁରୁତର ପ୍ରଭାବ ସ୍କୁଲ ପରିଚାଳନା, ଶିକ୍ଷାଦାନ କ୍ଷେତ୍ରରେ ଦେଖିବାକୁ ମିଳୁଛି ଓ ପିଲାମାନେ ଉପଯୁକ୍ତ ଶିକ୍ଷା ପାଇପାରୁନାହାନ୍ତି ଓ ସେମାନଙ୍କ ଉପରେ ଶିକ୍ଷକ ଯେଉଁଠି ନଜର ଓ ନିୟନ୍ତ୍ରଣ ରଖିବା କଥା,ତାହାର ଘୋର ଅଭାବ ଦେଖା ଦେଉଛି ଓ ସ୍କୁଲର ପରିବେଶ,ସ୍ୱଚ୍ଛତା ଆଦି ବିଷୟରେ ନଜରିଆ ଭଲ ଓ ଶିକ୍ଷକମାନେ ଅଧିକ ତ୍ରାସରେ ଭାରାକ୍ରାନ୍ତ ରହୁଛନ୍ତି ଓ ଏପରିକି ଅନେକ ସ୍କୁଲରେ ଗଣ ଶିକ୍ଷକ, ଶିକ୍ଷା ସହାୟକ ଥିବା ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଭାର ଦିଆଯାଇଛି ଯାହାକି ସୂତ୍ରାତ୍ମ ରୂପେ ସମ୍ପାଦନ କରିବେ ବୋଲି ସେମାନଙ୍କ ଠାରୁ ଆଶା କରାଯାଇନପାରେ ଓ ପ୍ରତି ବୁଧରେ ଏପରି ଅବସ୍ଥା ରହିଛି ଓ ଜଟୀଳ ବୁଜ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସ୍କୁଲରୁ ୮୩ଟି ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଛି ଓ ଗଞ୍ଜାମ ଜିଲ୍ଲାରେ ହାଇସ୍କୁଲରେ ୩୦୦ରୁ ଅଧିକ ପ୍ରଧାନଶିକ୍ଷକ ପଦବି ଖାଲି ପଡିଛି ଓ କେନ୍ଦୁଝର ଜିଲ୍ଲାରେ ୪୫୦ରୁ ଅଧିକ ସ୍କୁଲରେ ଏପରି ସ୍ଥିତି ରହିଛି ଓ ଗୋଟିଏ କି ଦୁଇଟି ଜିଲ୍ଲାରେ ନୁହେଁ,ସାରା ରାଜ୍ୟରେ ଏଭଳି ସ୍ଥିତି ନେଇ ବୁଦ୍ଧିଜୀବୀ,ଶିକ୍ଷାବିତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ଓ ପାଠ୍ୟକ୍ରମ ପରିବର୍ତ୍ତନ,ନୂଆ ସ୍କୁଲ ଖୋଲିବା ପରିବର୍ତ୍ତ ? ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ,ଉଚ୍ଚତ୍ର ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲରେ ଅଧିକ ସଂଖ୍ୟାରେ ଶିକ୍ଷକ ନିଯୁକ୍ତି ସହ ନିୟମିତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଜଣେ ଶିକ୍ଷକଙ୍କୁ ରଖାଯିବା ନେଇ ସରକାର ଦୃଢ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ଓ ବଢେଇରେ ଥିବା ପ୍ରାଥମିକରୁ ହାଇସ୍କୁଲ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ପାଇଁ ବିହିତ ପ୍ରାବଧାନ ରଖାଯିବା ଉଚିତ ଓ ଏଥିପାଇଁ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଅନୁଭୂତ ହେଉଛି ଓ ତେଣୁ ଶିକ୍ଷାରେ ପ୍ରାଥମିକତାକୁ ଦୃଷ୍ଟିରେ ରଖି ପ୍ରାଥମିକ ପର୍ଯ୍ୟାୟରୁ ପିଲାମାନଙ୍କ ମୂଳଭୂତାକୁ ମଜବୁତ କରିବାକୁ ହେବ ଓ ସେଥିପାଇଁ ଯେଉଁସବୁ ଭିନ୍ନିଭୂମିର ଆବଶ୍ୟକତା ରହିଛି, ସେଗୁଡିକ ପୂରଣ କରିବା ପାଇଁ ନିଷ୍ପାପ ଉଦ୍ୟମ କରାଯିବା ସହିତ ସ୍କୁଲ ଓ ଗଣଶିକ୍ଷା ବିଭାଗର କ୍ଷମତା ପରିସର ବୃଦ୍ଧି ଉପରେ ଜୋର ଦିଆଗଲେ ଭବିଷ୍ୟତ ପିଢ଼ିର ମଙ୍ଗଳ ଓ ଉନ୍ନତି ସୁନିଶ୍ଚିତ ହୋଇପାରିବ ।

ସାହସୀ ଗୁଣିଆ

ଏହି ସଂବର୍ଦ୍ଧରେ ବିରୋଧୀ ବଳ ପ୍ରଶ୍ନ କରିଥାଆନ୍ତି ଯେ ମାମଲାର ଶୁଣାଣି ଜାଳୀନ ତର୍କ-ବିତର୍କରୁ ଟ୍ରମ୍ପଙ୍କ ବିରୋଧରେ ରାୟ ଆସିବାର ସମ୍ଭାବନା ଥିଲା ବେଳେ ଭାରତ ସରକାର ରାୟକୁ ଅପେକ୍ଷା ନ କରି ତରବରିଆ ଭାବେ ବାଣିଜ୍ୟ ଚୁକ୍ତିରେ ଆବଦ୍ଧ ହେଲେ କାହିଁକି ? ଏହାର ଉତ୍ତର ବୋଧହୁଏ ଏହା ଯେ ନଅ ଜଣ ବିଚାରପତିଙ୍କ ମଧ୍ୟରୁ ଛଅ ଜଣ ରିପବ୍ଲିକାନ ସମର୍ଥକ ହୋଇଥିବାରୁ ରାୟ ଯେ ଟ୍ରମ୍ପଙ୍କ ବିରୋଧରେ ଆସିବ, ସେ ନେଇ ସରକାର ନିଶ୍ଚିତ ହୁଅନ୍ତେ ବା କିପରି ? ଗଲା ଶନିବାର ଦିନ ସୁପ୍ରିମକୋର୍ଟ ଆମେରିକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ପ୍ରଦତ୍ତ ଏକ ରାୟ ସେଠାକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଜାଣେ ଅତ୍ୟନ୍ତ ନିରାଶାଜନକ ହୋଇଥିଲେ ହେଁ ସମଗ୍ର ପୃଥିବୀକୁ ଆଶ୍ୱସ୍ତ କରିଛି । ସୁପ୍ରିମ କୋର୍ଟର ଏକ ନଅ ଜଣିଆ ବିଚାରପତିଙ୍କ ବେଂଚରେ ଛଅ ଜଣଙ୍କ ସମ୍ମତିରେ ଆସିଥିବା ନିଷ୍ପତ୍ତିଟି ସ୍ପଷ୍ଟ କରି ଦେଇଛି ଯେ ଯେଉଁ 'ଏକଜିକ୍ୟୁଟିଭ' କ୍ଷମତାର ପ୍ରୟୋଗ କରି ଟ୍ରମ୍ପ ସବୁ ଦେଶ ଉପରେ ୧୦% ଅତିରିକ୍ତ ଶୁଳ୍କ ?ର ଲଗାଇଛନ୍ତି । ଯଦିଓ, ଅଦମ୍ୟ ଟ୍ରମ୍ପ ତାରିଫ ନୀତିରେ ଅଟଳ ରହିବାକୁ ପ୍ରତିଜ୍ଞାବଦ୍ଧ, ବିଶେଷଜ୍ଞଙ୍କ ମତରେ ଅନ୍ୟ ଆଇନ ଉପଯୋଗ କରି ସେଇଭଳି ଅବାଧ ତାରିଫ ଲଗୁ କରାଯିବା ଅତ୍ୟନ୍ତ କଷ୍ଟସାଧ୍ୟ ଓ ଜାଳଖେପଣକାରୀ ହେବ । ଅଦାଲତଙ୍କ ରାୟ ଅନୁସାରେ 'ଆଇ.ଏ.ଇ.ପି.ଏ.'ର ପ୍ରୟୋଗ ସଜାଣେ ସେଠାକାର ସଂସଦ କଂଗ୍ରେସର ଅନୁମୋଦନ କରୁରି; ଯାହା ଲାଭ କରିବା ମଧ୍ୟ ଏକ ଦୁରୂହ ବ୍ୟାପାର । ଏଣୁ ଅଳମ୍ବିତ ତାରିଫର ଭୟ ଅପାତତଃ ତଟି ଯାଇଛି । କିନ୍ତୁ ଏହି ବର୍ଷର ମଧ୍ୟରେ ବେଆଇନ ତାରିଫ ସୂତ୍ରରୁ ଆମେରିକା ଲାଭ କରିଥିବା ଏକ ବିପୁଳ ଅର୍ଥ ରାଶି (୧୭୦ ବିଲିୟନ ଡଲାରରୁ ଅଧିକ)କୁ ଫେରସ୍ତ କରାଯିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛିଣ୍ଡା ରହିଯାଇଛି । ଏହି ପ୍ରକ୍ରିୟା ଅତ୍ୟନ୍ତ ବିଶାଳ ଓ ଜଟିଳ ହେବ; କାରଣ 'ଉଏସସିସ' ର ସୂତନାନୁସାରେ ପ୍ରାୟ ୩ ଲକ୍ଷ ସରିଲି ଙ୍କପାନି ଏହାର ଦାବିଦାର ହେବେ । ଏଭଳି ସ୍ଥଳେ ଭାରତର ସ୍ଥିତି ଅତ୍ୟନ୍ତ ଅସ୍ପଷ୍ଟ; କାରଣ, ନିଜସରେ ଭାରତ-ଆମେରିକା ବାଣିଜ୍ୟ ବୃଦ୍ଧିର ଢାଚାଁ ଉଭୟ ପକ୍ଷର ସମ୍ମତିରେ ପ୍ରସ୍ତୁତ ହୋଇ ସାରିଛି । ଏଣେ ଟ୍ରମ୍ପ ମଧ୍ୟ କହିସାରିଲେଣି ଯେ ତାହା ଅପରିବର୍ତ୍ତନିୟ ରହିବ । ଏହାର ଅର୍ଥ ଭାରତ ଜ'ଣ ଅତିରିକ୍ତ ୧୦% ଜମରେ ଆହୁରି ୧୮% ଅଧିକ ତାରିଫ ଦେବାକୁ ବାଧ୍ୟ ହେବ ? ସମୟ କ୍ରମେ ଏହା ପ୍ରାଂଜଳ ହେବ । ତେବେ, ଏହି ସଂବର୍ଦ୍ଧରେ ବିରୋଧୀ ବଳ ପ୍ରଶ୍ନ କରିଥାଆନ୍ତି ଯେ ମାମଲାର ଶୁଣାଣି ଜାଳୀନ ତର୍କ-ବିତର୍କରୁ ଟ୍ରମ୍ପଙ୍କ ବିରୋଧରେ ରାୟ ଆସିବାର ସମ୍ଭାବନା ଥିଲା ବେଳେ ଭାରତ ସରକାର ରାୟକୁ ଅପେକ୍ଷା ନ କରି ତରବରିଆ ଭାବେ ବାଣିଜ୍ୟ ଚୁକ୍ତିରେ ଆବଦ୍ଧ ହେଲେ କାହିଁକି ? ଏହାର ଉତ୍ତର ବୋଧହୁଏ ଏହା ଯେ ନଅ ଜଣ ବିଚାରପତିଙ୍କ ମଧ୍ୟରୁ ଛଅ ଜଣ ରିପବ୍ଲିକାନ ସମର୍ଥକ ହୋଇଥିବାରୁ ରାୟ ଯେ ଟ୍ରମ୍ପଙ୍କ ବିରୋଧରେ ଆସିବ, ସେ ନେଇ ସରକାର ନିଶ୍ଚିତ ହୁଅନ୍ତେ ବା କିପରି ?ଶୁଣିବାକୁ ମିଳେ ଯେ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁସନର, ଆମାଜନରେ ବ୍ୟବସାୟ-ପରାମର୍ଶଙ୍କ ଜ୍ୱାଇଁ ହେବେ ପୁଅଙ୍କ ଖୋଜୁଥିବା ବେଳେ ପିତର ନବାରୋଙ୍କ ଯେଉଁ ପୁଅଙ୍କର ସନ୍ଧାନ ପାଆନ୍ତି, ତା'ର ଶୀର୍ଷକ ହେଉଛି 'ଥେଥ କାଇ ଚାଇନା: କନପ୍ରତିଙ୍କ ଦ ଡ୍ରାଗନ- ଏ ଗ୍ଲୋବାଲ କଲ ଟୁ ଆକସନ' (ପ୍ରକାଶନ କାଳ ୨୦୧୧) । ତହିଁରେ ବର୍ଣ୍ଣିତ ଥାଏ କିଭଳି ଅମେରିକ ବାଣିଜ୍ୟ ଜାରବାର ବଢେଇ ଆମେରିକାର ଅର୍ଥନୀତିକୁ ନଷ୍ଟ କରିବାରେ ଚୀନ ପ୍ରବୃତ୍ତ ଅଛି । ତହିଁରୁ ଜୁଆଡ଼େ ଟ୍ରମ୍ପ ଲାଭ କରିଥିଲେ ତାଙ୍କ 'ଗାରିଫ' ବର୍ଣ୍ଣନ । ଟ୍ରମ୍ପପ ଟିକର ନବାରୋ ହେଉଛନ୍ତି ଟ୍ରମ୍ପଙ୍କ ଘନିଷ୍ଠ ଉପଦେଷ୍ଟା ଓ ବିଚାରବୁଦ୍ଧୀ । ପ୍ରକାଶ ଥାଉ କି ଚଳ ବର୍ଷ ଆମ୍ପ୍ରକାଶ କରିଥିବା 'ପ୍ରୋଜେକ୍ଟ ୨୦୨୫'ରେ ନବାରୋଙ୍କ ଦ୍ୱାରା ଲିଖିତ ନିବନ୍ଧ 'ଦ ସେସ ଫର ଫେୟାର ଟ୍ରେଡ' ରୁ ଟ୍ରମ୍ପ ତାରିଫ ଆକ୍ରମଣର ଭୂପରେଖ ପାଇଥିଲେ । ଜୀବନ ଉପରେ ଅନେକ ସମୟରେ ପୁସ୍ତକର ଗଭୀର ପ୍ରଭାବ ପଡ଼ିଥାଏ । ଗୋହନ ବାସଙ୍କ ହାତରେ ଜନ ରାଲ୍ଜିଙ୍କ 'ଅନ ଟୁ ବିଗ୍ ଲାଷ୍ଟ' ନାମକ ପୁସ୍ତକ ପଢ଼ି ନ ଥିଲେ ପୁଅଟା ହୁଏତ ମହାତ୍ମା ଗାନ୍ଧୀଙ୍କୁ ପାଇ ନ ଆସନ୍ତା । କିନ୍ତୁ, ବେଳେବେଳେ ଭୁଲ୍ ବ୍ୟକ୍ତିଙ୍କ ହାତରେ ଭୁଲ୍ ପୁସ୍ତକ ମଧ୍ୟ ପଡ଼ିଥାଏ, ଯେମିତି ହିଟଲରଙ୍କୁ ହାତୁଡ଼ି ଥିଲା ମାଡିସନ ଗ୍ରାଟଙ୍କୁ ପୁସ୍ତକ 'ଦ ପାସିଜ ଅଫ ଦ ଗ୍ରେଟ ରେସ୍' ଏବଂ ତାଙ୍କ ଜିତରେ ଲଢୁଆ ଗଣମେଧ ଯଜ୍ଞ ସଜାଣେ ବୀଜ ପଡ଼ିଥିଲା । ନବାରୋଙ୍କ ପୁସ୍ତକ ମଧ୍ୟ ଟ୍ରମ୍ପଙ୍କ ଲାଗି ବୁଦ୍ଧିଜୁଙ୍ଗଶକାରୀ ସାବ୍ୟସ୍ତ ହୋଇଛି । ତେବେ, ସୌଭାଗ୍ୟର ବିଷୟ ତାଙ୍କ ମୁଣ୍ଡରୁ ତାରିଫ ଭୂତ ଝାଡ଼ିବା ସଜାଣେ ସେଠି ସାହସୀ ଗୁଣିଆ ମହଜୁଦ ଅଛନ୍ତି ।

'କେମିତି ସୁଦୃଢ଼ ହେବ ଓଡ଼ିଶାର ମାଧ୍ୟମିକ ଶିକ୍ଷା'...

ରାଜ୍ୟ ସରକାର 'ଓଡ଼ିଶାର ଶିଶୁମାନଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମ, ୨୦୧୦' ପ୍ରଣୟନ କଲେ ଯାହା ୨୭ ସେପ୍ଟେମ୍ବର ୨୦୧୦ରୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରାଗଲା । ଏହା ପୂର୍ବରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାରୁ ମାଧ୍ୟମିକ ଶିକ୍ଷା କୁହାଯାଉଥିଲା, ଯାହାକି ପ୍ରତ୍ୟେକ ହାଇସ୍କୁଲର ଅନ୍ତର୍ଭୁକ୍ତ ଥିଲା ଏବଂ ଏଥିରେ କାର୍ଯ୍ୟରତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଦ୍ୱାରା ପରିଚାଳିତ ମାଧ୍ୟମିକ ଶିକ୍ଷା କ୍ୟାଡରର ଅନ୍ତର୍ଭୁକ୍ତ ଓ ଏମାନଙ୍କର ନିଯୁକ୍ତି, ବଦଳୀ, ପଦୋନ୍ନତି ଇତ୍ୟାଦି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ନିୟନ୍ତ୍ରିତ । ଶିକ୍ଷା ଅଧିକାର ନିୟମ, ୨୦୧୦ ପ୍ରଣୟନ ଫଳରେ ରାଜ୍ୟ ସରକାରଙ୍କୁ ଓଡ଼ିଶାର ପ୍ରାଥମିକ ଶିକ୍ଷାର ସଂଜ୍ଞା ଓ ସ୍ଥିତି ନିର୍ଦ୍ଧାରଣ କରି କେନ୍ଦ୍ର ସରକାରଙ୍କ ନିକଟରେ ଏକ ଘୋଷଣାପତ୍ର ଉପସ୍ଥାପନ କରିବାର ଆବଶ୍ୟକତା ପଡ଼ିଲା । ଏହି ପରିପ୍ରେକ୍ଷୀରେ ହାଇସ୍କୁଲରୁ ଅଷ୍ଟମ ଶ୍ରେଣୀରୁ ଆଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଡ଼ିବା ପାଇଁ ଏବଂ ଆନୁଷଙ୍ଗିକ ସମସ୍ୟା ଓ ତା'ର ସମାଧାନ ପାଇଁ ଏକ ଚିନ୍ତିବିନ୍ଦିଆ ରାଜ୍ୟସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜିଲ୍ଲି ଅଭିଜ୍ଞ ପ୍ରଧାନଶିକ୍ଷକ, ହାଇସ୍କୁଲର ଜିଲ୍ଲି ଅଭିଜ୍ଞ ପ୍ରାଧାନଶିକ୍ଷକ, ବୁଲ୍ଲଜିରୀୟ ଶିକ୍ଷା ସଂଯୋଜକ, ବୁଲ୍ ?ସ୍ତରୀୟ ତଥା ଜିଲ୍ଲାସ୍ତରୀୟ ଶିକ୍ଷା ଅଧିକାରୀ, ବିଭିନ୍ନ ଜିଲ୍ଲାର ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ହାଇସ୍କୁଲ ଶିକ୍ଷକ, ରାଜ୍ୟସ୍ତରୀୟ ଶିକ୍ଷା ବିଶେଷଜ୍ଞ ଓ ଅଧିକାରୀ ଏବଂ ଶିକ୍ଷା ଓ ଗବେଷଣା ପରିଷଦର ବରିଷ୍ଠ ଶିକ୍ଷା ବିଶେଷଜ୍ଞମାନେ ଯୋଗଦେଇ ତିନି ଦିନ ଜାଳ ବୌଦ୍ଧିକ କସରତ କଳା ପରେ ରାଜ୍ୟ ସରକାରଙ୍କୁ ବିସ୍ତୃତ ସୁପାରିସ କରିଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ, ବିଜାରର ତତ୍ୱଜାଳନ ସଚିବ ଏହି ସବୁ ସୁପାରିସକୁ ଗୁରୁତ୍ୱ ନ ଦେଇ କେବଳ ବୁଲଟି ଧାଡ଼ିରେ ରାଜ୍ୟର ପ୍ରାଥମିକ ଶିକ୍ଷାର ସଂଜ୍ଞା ନିର୍ଦ୍ଧାରଣ କରିଦେଲେ, ଯାହା ହେଲା- ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟ ମାନେ ପ୍ରଥମରୁ ପଂଚମ ଶ୍ରେଣୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଓ ପ୍ରାଥମିକ ଶିକ୍ଷା ମାନେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା । ଏହି ଅନୁସାରେ ଏକ ସରକାରୀ ଘୋଷଣାପତ୍ରରେ ସ୍ୱାକ୍ଷର କରି ନିଜର ଦାୟିତ୍ୱ ସାରିଦେଲେ । କିନ୍ତୁ ଏହା ଫଳରେ ଅନେକ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେଲା, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ଅସମାହିତ ହୋଇ ରହିଛି ଏବଂ ନିମ୍ନଲିଖିତ ଅନେକ ଆହ୍ୱାନ ସୃଷ୍ଟି ହୋଇଛି, ଯାହାର ସମୟୋଚିତ ସମାଧାନ ନିହାତି ଜରୁରି । ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରଚେଷ୍ଟାରେ ପାଟନ୍ତୁଲାରେ ସାର ଆରୋଗ୍ୟ ମଣ୍ଟି ହେସ୍ପାଲିଟି ହସ୍ପିଟାଲର ଭୂମିପୂଜନ; କିଭେପିରେ ଯୋଗଦେବେ ଲୋଗରାଇର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ଅନନ୍ତ ଦାସଙ୍କ ପୁଅ ଅଭିଜିତ; ଜୀବନ ହାର

ଏବିଭିପିର ପ୍ରାନ୍ତ ଛାତ୍ରୀ ସମ୍ମିଳନୀ

ସମ୍ବଲପୁର,୨୫/୨(ନି/ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ତରଫରୁ ଓଡ଼ିଶା ସଂସ୍କୃତିକ ସମାଜ, ସମ୍ବଲପୁର ଠାରେ ପ୍ରାନ୍ତ ଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ବନ୍ଦିତା ମହାନଦିଆ, ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ କାର୍ଯ୍ୟ ସମିତି ସଦସ୍ୟ ରାଣି ତ୍ରିବେଦି, ପ୍ରାନ୍ତ ସଂଗଠନ ସମ୍ପାଦକ ଶ୍ରୀ ନିଲୁଜ ବିହାରୀ ପଣ୍ଡା, ପ୍ରାନ୍ତ ସମ୍ପାଦକ ଶ୍ରୀ ଶ୍ୱେତାଂଶୁ ଶେଖର ବରାଇ, ପ୍ରାନ୍ତ ଛାତ୍ରୀ ପ୍ରମୁଖ ଶ୍ରୀମତୀ ବାସନ୍ତୀ ସାହୁ ଉପସ୍ଥିତ ଥିଲେ ।ଏହି ଛାତ୍ରୀ ସମ୍ମିଳନୀରେ ଦୁଇଟି ସତ୍ର ହୋଇଥିଲା ଏବଂ ରାଷ୍ଟ୍ର ଗଠନର ଭଉଣୀ ମାନଙ୍କ ଭୂମିକା ଏବଂ କେମିତି ସମସ୍ତ କ୍ଷେତ୍ରେ ଭଉଣୀ ମାନେ ଅଧିକରୁ ଅଧିକ ନେତୃତ୍ୱ ନେବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରୁ ସମ୍ବଲପୁର ନଗର କାର୍ଯ୍ୟକର୍ତ୍ରୀ ଦେବାଶିଷ ସେନ୍ଦ୍ରିଆ,ବିବେକ ଡିଙ୍ଗୁରୀ, ନିଖିଲ ପୂଜାରୀ,ଆଲୋକ ଦାସ,ପୂଜାପ୍ରଜ୍ଞା ସାହୁ,ଲକ୍ଷ୍ମୀ ପ୍ରିୟା ମିର୍ଜା,ସୁଚିରେଖା ବାରିକ ,ସୁଭା ଜନବିଦ୍ୟା,ଲେଖା ବେହେରା,ପାଙ୍କୁ ବରତି,ସୌମ୍ୟ ପଣ୍ଡା ପ୍ରମୁଖ ବ୍ୟବସ୍ଥାରେ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ତଦବ ଟି ସଂଗଠନିକ ଜିଲ୍ଲାରୁ ୨୦୦ ଅଧିକ ଛାତ୍ରୀ ଯୋଗଦାନ କରିଥିଲେ ଏବଂ ଶେଷରେ ସମ୍ବଲପୁର ସହରରେ ଗୋଟିଏ ଭବ୍ୟ ଶୋଭାଯାତ୍ରା ମଧ୍ୟ ହୋଇଥିଲା ।

'ସୁନାଝିଅ'କୁ ଆଦରିବେ ପାଠକ

ଭଦ୍ରକ,୨୫/୨: ବାଲିମେଦ ଫଟାୟତ ଜୀବନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାହିତ୍ୟିକ ଶ୍ୟାମ ସୁନ୍ଦର ପଟିକାଙ୍କ ଗଳ୍ପ ସଙ୍କଳନ' ସୁନାଝିଅ'ର ପାଠକାର୍ଯଶ ହୋଇଯାଇଛି । ବରିଷ୍ଠ ଶିକ୍ଷାବିତ ବିଶ୍ୱମୋହନ ସ୍ୱାଇଁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଗଳ୍ପ କବିତା ହେଉ ଅବା ସାହିତ୍ୟର ଗୋଟିଏ ଶବ୍ଦ ଲୋଟିଏ ହୃଦୟଛୁଇଁପାରୁଛି । ଆଜି 'ସୁନାଝିଅ'ର ଲୋକାର୍ପଣ ହୋଇଛି । ନିଖିଳ ସୁନାଝିଅକୁ ପାଠକ ଆଦରିନେବେବୋଲିକହିଥିଲେ । ଶିକ୍ଷାବିତ ସୁଧାଂଶୁ ଶେଖର ମିଶ୍ର 'ସୁନାଝିଅ'ର ସମୀକ୍ଷା କରିଥିଲେ । କବି ବିଜାଶ କୁମାର ଶତପଥୀ, ପୂର୍ବତନ ସରପଂଚ ପ୍ରଫୁଲ୍ଲ କୁମାର ପଲିତା, ବିଦ୍ୟାଳୟ ପରଚାଳନା କମିଟିର ସଭାପତି ଭାସ୍କର ଚନ୍ଦ୍ର ଭୋଇ, ସମାଜସେବୀ କୃଷ୍ଣଚନ୍ଦ୍ର ଘଡାଇ ପ୍ରମୁଖ ଏହି ପର୍ବରେ ସାମିଲ ହୋଇଥିଲେ ।

ପୁଲିସ ହାତରେ ଧରାପଡ଼ିଲେ ବନ୍ଧୁକ ମୁନରେ ନବବଧୂ ଅପହରଣକାରୀ

ସମ୍ବଲପୁର,୨୫/୨(ନି/ପ୍ର): ପୁଲିସ ହାତରେ ଧରାପଡ଼ିଲେ ବନ୍ଧୁକ ମୁନରେ ନବବଧୂ ଅପହରଣକାରୀ । ନବବଧୂ ଜଟାମାଳ ଥାନା ଅନ୍ତର୍ଗତ ଜଟାମାଳ ବୁଜଛକର ରଣ୍ଜି ପୁଟେଲ(୧୯)ଙ୍କ ସହ ଜଟାମାଳ ବଡ଼ବାପଲି ଗ୍ରାମର ସଞ୍ଜୟ ସାହୁ(୨୬)କୁ ପୁଲିସ ଗିରଫ କରିଛି । ଉଭୟେ ସମ୍ବଲପୁର ଅଇଁଠାପାଲି ଥାନା ଅର୍ନ୍ତଗତ ବୁଢାରାଜା ପ୍ରଫେସର କଲୋନୀରେ ସଞ୍ଜୟଙ୍କ ସମ୍ପର୍କୀୟ ଭାଇଙ୍କ ଘରେ ଏକାଠି ରହୁଥିବା ଖବର ପାଇ ବିଳମ୍ବିତ ରାତିରେ ସୁବର୍ଣ୍ଣପୁର ଜିଲା ତରଲା ଥାନା ପୁଲିସ ଏଠାରେ ପହଞ୍ଚି ଅଇଁଠାପାଲି ଥାନା ପୁଲିସ ସହାୟତାରେ ସଞ୍ଜୟଙ୍କୁ ଗିରଫ କରିଛି । ଗିରଫ ପରେ ତରଲା ଥାନା ପୋଲିସ ଉଭୟ ରଣ୍ଜି ଓ ସଞ୍ଜୟଙ୍କୁ ଉଠାଇ ନେଇଥିବା ସୂଚନା ମିଳିଛି ।ତେବେ ଉଭୟ ନବବଧୂ ରଣ୍ଜି ଓ ଅପହରଣକାରୀ ସଞ୍ଜୟ ପ୍ରେମିକା ଓ ପ୍ରେମିକ ବୋଲି କୁହାଯାଇଛି । ସେହିପରି ନବବଧୂଙ୍କ ସହମତିରେ ଅପହରଣକୁ ରୂପ ଦିଆଯାଇଥିବା ଚର୍ଚ୍ଚା ହେଉଛି । ସୂଚନା ଯୋଗ୍ୟସ ଯେ, ଗତ ଶନିବାର ବଲାଙ୍ଗୀର ଜିଲ୍ଲାର ଜାମାଖାମ୍ପନଗରରୁ ବରଯାତ୍ରୀ ବଳ କନ୍ୟା ରଣ୍ଜିଙ୍କ ସହ ବିବାହ ପାଇଁ ଜଟାମାଳ ବୁଜଛକସ୍ଥିତ ତାଙ୍କ ଘରକୁ ଆସିଥିଲେ । ଏଠାରେ ବିବାହ ଉତ୍ସବ ସାରି ନବବଧୂଙ୍କୁ ସାଙ୍ଗରେ ଧରି ଘରକୁ ଫେରୁଥିଲେ । ଏହି ସମୟରେ ବାଟରେ ତରଲା ନିକଟରେ ନବବଧୂର ପ୍ରେମିକ ବୋଲି କୁହାଯାଉଥିବା ସଞ୍ଜୟ ତାଙ୍କର କିଛି ସହଯୋଗୀଙ୍କ ସହ ରାସ୍ତାରେ ବରଯାତ୍ରୀଙ୍କ ଗାଡ଼ିକୁ ଅଟକାଇ ବନ୍ଧୁକ ଦେଖାଇ ନବବଧୂଙ୍କୁ ଅପହରଣ କରି ନେଇଥିଲେ । ଏହାକୁ ନେଇ ତରଲା ଥାନାରେ କେସ ନମ୍ବର ୬୦/୨୦୨୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୁଲିସ ।

କିର୍ମିରାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର :

ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡା,୨୫/୨(ନି/ପ୍ର): ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ପାଖରେ ପହଂଚାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ କିର୍ମିରା ଫଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଜୁଆନ ମୋଟିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଯୋଗଦେଇ ଲୋକଙ୍କ ଆପତି ଓ ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ମୋଟ ୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୩ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ସମସ୍ୟା ରହିଥିଲା । ଶିବିର ଅବସରରେ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା । ଶିବିରରେ ବାଛପାଲି ଗ୍ରାମର ଆର୍ଏଓଟି ୨୦୨୪-୨୫ ଯୋଜନାରେ ହିତାଧିକାରୀ ଭାବେ ପ୍ରାପ୍ୟ ପାଇନଥିବା ଏବଂ ୨୦୨୪ ମସିହାର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ନ ମିଳିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ । ସେହିଭଳି କିର୍ମିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଦାନ ଅର୍ଥର ନିୟୋଗରେ ହୋଇଥିବା ଅନିୟମିତତା ଏବଂ ବାଲାଙ୍ଗା କ୍ୟାମ୍ପା ସ୍ଥିତ ଶ୍ରମିକମାନଙ୍କୁ ପ୍ରାପ୍ୟ ପାରିଶ୍ରମିକ ନ ଦେବା ଭଳି ଗମ୍ଭୀର ବିଷୟ ଉପରେ ଜିଲ୍ଲାପାଳ ସମ୍ପୂର୍ଣ୍ଣ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଧୂପବେଳୁଡି ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିର ପରିସରରେ ଅସ୍ଥାୟୀ ବାଡ ବେଢ଼ ବେଆଇନ ଘର ନିର୍ମାଣ ଏବଂ କିର୍ମିରା ଶିବ ମନ୍ଦିରରେ ବିଦ୍ୟୁତ ସଂଯୋଗ ଭଳି ବିଭିନ୍ନ ପ୍ରସ୍ତାବ ଉପରେ ପ୍ରଶାସନ ତତପରତାସହକାରେ ଶୁଣାଣି କରାଯାଇଅଛି । ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ଶିବିର କରିଆରେ ସାଧାରଣ ଜନତା ସେମାନଙ୍କର ସମସ୍ୟାଗୁଡ଼ିକୁ ସିଧାସଳଖ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ ।

ତିହିଡି ବରିଷ୍ଠ ନାଗରିକ ସଂଘ ମୁଖପତ୍ର ବର୍ଷୀୟାନ ଶ୍ରେଷ୍ଠ ପତ୍ରିକା ଭାବେ ମନୋନୀତ

ଭଦ୍ରକ,୨୫/୨(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡି ବୁଲ ବରିଷ୍ଠ ନାଗରିକ ସଂଘ ମୁଖ ପତ୍ର ବର୍ଷିୟନ ଶ୍ରେଷ୍ଠ ପତ୍ରିକା ଭାବେ ମନୋନୀତ ହୋଇଥିବା ଜଣାଯାଇଛି । ଅଖିଳ ଭାରତୀୟ ବରିଷ୍ଠ ନାଗରିକ ମହାସଂଘ ଆନୁକୂଲ୍ୟରେ ବୁଧ ଦିନ ବ୍ୟାପୀ ଛୋଡ଼ିଏଟି ରାଜ୍ୟର ବରିଷ୍ଠ ନାଗରିକସଂଘରୁ ନେଇ ଆଇଏନ ସଭାପତି କ୍ରିଷ୍ଣା ରାଇନାଙ୍କ ସଭାପତିତ୍ୱରେ ଜର୍ମ ଶାଳ । ଭୁବନେଶ୍ୱର ରେଳ ଅତିଚରିଅମରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଓଡ଼ିଶା ରାଜ୍ୟ ସଂଗଠନ ସମ୍ପାଦକ ପ୍ରସନ୍ନ କୁମାର ଦାସଙ୍କ ସ୍ୱାଗତ ଭାଷଣ ।ଏଥିରେ ମୁଖ୍ୟ ଅତିଥି ଭାବେ ରାଜନେତା ପଦ୍ମଶ୍ରୀ ପଦ୍ମଚରଣ ନାୟକ, ସମ୍ମାନିତ ଅତିଥିଭାବେ ପଞ୍ଚାନନ ବ. ସମ୍ପିତ ପାତ୍ର, ନାରୀନେତ୍ରୀ ମାଧୁରୀ ଚେରିଆନ, ଭଗବତ ଭାଉରୁ ,ବେରଜର ହନିଫା ରାଓବିରଡର ନେପାଲ ରାଜପରିବାର ପ୍ରମୁଖ ବହୁ ବରିଷ୍ଠ ଉଚ୍ଚ ପଦାଧିକାରୀ ଅତିଥି ମାନେ ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ତିହିଡି ବରିଷ୍ଠ ନାଗରିକ ସଂଘ ପତ୍ରିକା ବର୍ଷୀୟାନ ଓଡ଼ିଶାର ତିରିଶି ଜିଲ୍ଲାରୁ ପ୍ରକାଶିତ ପତ୍ରିକା ମଧ୍ୟରୁ ଶ୍ରେଷ୍ଠ ପତ୍ରିକା ଭାବେ ଚୟନ କରାଯାଇ ଅର୍ଥ ରାଶି ସହ ପୁରସ୍କୃତ୍ ଜରାଯାଇଥିଲା । ରାଜ୍ୟ ମହାସଂଘ ସମ୍ପାଦକ ରାଜକିଶୋର ସାମନ୍ତରାୟ, ଭଦ୍ରକ ଜିଲ୍ଲା ମହାସଂଘ ସମ୍ପାଦକ କୈଳାଶ ମହାପାତ୍ର, ତିହିଡି ବୁଲ ସମ୍ପାଦକ ବିଭୂତି ଭୂଷଣ ସେନାପତିଙ୍କ ସଂପାଦକୀୟ ପ୍ରଶଂସିତ ହୋଇଥିଲା ।ପତ୍ରିକାରେ ଥିବା ବରିଷ୍ଠ ନାଗରିକଙ୍କ ଉପଦେଶ,ଆଇନ ଓ ଜର୍ଜବ୍ୟ ଇତ୍ୟାଦି ଚୟନ କାରୀଙ୍କୁ ବିମୁଗ୍ଧ କରିଥିଲା ।ଏହି ଅବସରରେ ତିହିଡି ବୁଲ ସଂଘୋଜକ ସୁରେନ୍ଦ୍ର କୁମାର ମାଲିକ, ହୃଷୀକେଶ ପଣ୍ଡା ,ମଥୁରା ମୋହନ ବେହେରା ,ଉତର ପ୍ରଦେଶ ସଂଘ ଜିଲ୍ଲା ସଭାପତି ତ୍ରିଲୋକ ଉପାଧ୍ୟାୟ,କର୍ଣ୍ଣାଟକ ରାଜ୍ୟ ସଭାପତି ବିନେଶ ଭଟ୍ଟ,ବସ୍ତେରୁଲି, ଏସ ତାଙ୍ଗେ , ହାଇଦ୍ରାବାଦରୁ ମୋହନ ଭାଲା ,କର୍ଣ୍ଣାଟକରୁ ପଦ୍ମିନି, ଆନ୍ଧ୍ରରୁ ପି,ନାଗେଶ୍ୱର ରାଓ ଗୋଆରୁ ଉମେଶ ଏଣ୍ଡୁନକର ପ୍ରମୁଖ ବହୁ ବରିଷ୍ଠ ବିଦ୍ୱାନ ବର୍ଷୀୟାନ ପତ୍ରିକାର ଦୀର୍ଘ ଜୀବନ କାମନା କରିଥିଲେ । ଆଗାମୀ ଦିନରେ ଙ୍ଗରାଜୀ ଅନୁବାଦ କରି ପ୍ରତ୍ୟେକ ରାଜ୍ୟ ମହାସଂଘକୁ ପଠାଇବା ପାଇଁ ମତ ପ୍ରକାଶ ପାଇଥିଲା ।ମଧ୍ୟପ୍ରଦେଶର ମେଘଚନ୍ଦ୍ର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

ବୈଦ୍ୟ ବିକାଶରେ ନବଜାତ ୟୁନିଟ୍ ଓ ଉଚ୍ଚ ନିର୍ଭରଶୀଳ ୟୁନିଟ୍ ଶୁଭାରମ୍ଭ

ସମ୍ବଲପୁର, ୨୫/୨(ନି/ପ୍ର): ସ୍ଥାନୀୟ ବାରେଜପାଲି ଶିଳ୍ପାଂଚଳ ସ୍ଥିତ ବୈଦ୍ୟ ବିକାଶ ହସ୍ପିଟାଲ ଠାରେ ନୂତନ ଶିଶୁ ରୋଗ ଏବଂ ନବଜାତ ୟୁନିଟ ସହ ଉଚ୍ଚ ନିର୍ଭରଶୀଳ ୟୁନିଟ ଲୁ ଏକ ସମାରୋହରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଜିରାମ ବୋହର ଉଦଘାଟନ କରିଛନ୍ତି । ଏହି ୟୁନିଟ ରେ ଶିଶୁ ଓ ନବଜାତ ଶିଶୁଙ୍କ ପାଇଁ ଉନ୍ନତ ଚିକିତ୍ସା ସୁବିଧା ଏଠାରେ ସମ୍ବଲପୁର ଓ ପାଶ୍ୱବର୍ତି ଅଂଚଳ ପାଇଁ ସହଜରେ ଉପଲବ୍ଧ ହୋଇ ପରିବେ କରି ପ୍ରକାଶ କରିଥିଲେ । ଏପରି ଆଧୁନିକ ସୁବିଧା ସହିତ ଶିଶୁ ଚିକିତ୍ସା ୟୁନିଟ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ଲୁ ଆହୁରି ସୁଦୃଢ କରିବ, ବିଶେଷ କରି ଶିଶୁ ମାନଙ୍କ ପାଇଁ ଉଚ୍ଚ ନିର୍ଭରଶୀଳ ୟୁନିଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବୈଦ୍ୟ ବିକାଶ ହସ୍ପିଟାଲ୍ ର ଅଧକ୍ଷ ଜି ଭାସ୍କର ରାଓ ଏହି ପଦକ୍ଷେପ ଗୁରୁତ୍ୱର ସମ୍ପୂର୍ଣ୍ଣ ନବଜାତ ଶିଶୁ ତଥା ଶିଶୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ । ଶିଶୁ ମାନଙ୍କ ପାଇଁ ବିଶେଷଜ୍ଞ ଏବଂ ସମୟୋଚିତ ଯତ୍ନ ପ୍ରଦାନ କରିବା, ନବଜାତ ଶିଶୁ ରୋଗ ହ୍ରାସ କରିବା, ଜରୁରୀ ଜାଳୀନ ପ୍ରତିକ୍ରିୟା ଏବଂ ଗୁରୁତ୍ୱପୂର୍ଣ୍ଣ ଯତ୍ନ ସେବା ଲୁ ସୁଦୃଢ କରିବା ଏହି ୟୁନିଟ ସ୍ଥାପନର ଲକ୍ଷ୍ୟ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ହସ୍ପିଟାଲ୍ ର ନିର୍ଦ୍ଦେଶକ ଅରୁଣ କୁମାର ପଟ୍ଟଖାରି, ନିର୍ଦ୍ଦେଶକ ଜି ରାମକୃଷ୍ଣ ଙ୍କ ସହିତ ହସ୍ପିଟାଲ୍ ର ୟୁନିଟ ମୁଖ୍ୟ ଡ଼ା.ଜ. ଜମାପତି ନାଇଡୁ, ମାନବସମ୍ବଳ ଅଧିକାରୀ ବିଜୋପ କୁମାର, ଜିତେଶ ଅଗ୍ରୱାଲ, ସିପିଆରଓ ସମ୍ଭୀତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଜନସାଧାରଣ

ଭୁବନେଶ୍ୱର,୨୫/୨(ନି/ପ୍ର): ଭୁବନେଶ୍ୱର ରାଜ୍ୟ ଅତିଥିଭବନ ଠାରେ ଝାରସୁଗୁଡ଼ା, ପୁରୀ ଜିଲ୍ଲାର ପିପିଲି ଏବଂ ବଲାଙ୍ଗୀର ଜିଲ୍ଲାରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକାଭିମୁଖୀ ବଜେଟରେ ସେମାନଙ୍କ ଅଂଚଳ ପାଇଁ ସ୍ୱତନ୍ତ୍ର ଯୋଜନା କରିଥିବାରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟର ସର୍ବଜନିଷ୍ଠ ଜିଲ୍ଲା ଭାବେ ଝାରସୁଗୁଡ଼ା ଜିଲ୍ଲା ୩୨ ବର୍ଷ ପରେ ପ୍ରଥମ ବିଶ୍ୱବିଦ୍ୟାଳୟ ପାଇଛି । ଝାରସୁଗୁଡ଼ାବାସୀଙ୍କର ଉଚ୍ଚ ଶିକ୍ଷା ପାଇଁ ଆଶା ଆକାଂକ୍ଷା ପୂରଣ କରିବ ଏହି ବିଶ୍ୱ ବିଦ୍ୟାଳୟ। ସେହିଭଳି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ପିପିଲି ବାସୁଆ ଜାରିଗର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବିତ ବାସୁଆ ବଜାର ପାଇଁ କୃତଜ୍ଞତା ଜଣାଇଥିଲେ । ବାସୁଆ ଶିଳ୍ପର ଅଭିବୃଦ୍ଧି ଏବଂ

ଠିକାଦାର ସଂଘ ପକ୍ଷରୁ ଆନ୍ଦୋଳନ

ଜୟପୁର,୨୫/୨(ନି/ପ୍ର): ଜୟପୁର ବିସିଡି ଠିକାଦାର ସମ୍ପ୍ରଦାୟ ପକ୍ଷରୁ ଆଜି ଆଠ ଦଫା ଦାବି ନେଇ ଭୁବନେଶ୍ୱର ବିଧାନ ସଚ୍ଚିଖରେ ଏକ ଆନ୍ଦୋଳନ କରାଯାଇଛି । ନିଖିଳ ଓଡିଶା ଠିକାଦାର ମହାସମ୍ପ୍ରଦାୟ ସଭାପତି ଅନିଲ କୁମାର ମହାଲିଙ୍କଙ୍କ ନେତୃତ୍ୱରେ ବିସିଡି ଠିକାଦାର ସଂଘ ସଭାପତି ପବନ ହରିଜନଙ୍କ ସହ ଅନ୍ୟ ଠିକାଦାର ମାନେ ଏକତ୍ରିତ ହୋଇ କୋଡାଲ ବ୍ୟବସ୍ଥା ଅନୁଯାୟୀ ପ୍ରତିବର୍ଷ ନିୟମିତ ଭାବେ ଏସଓଆର ସ୍ଥିରୀକୃତ କରାଯାଉ, କାର୍ଯ୍ୟ ବଣ୍ଟନରେ ମାନବଣ୍ଟକୁ ଏକ ରାଜ୍ୟ ଆଇନ ଭିତିକ ପ୍ରତଚନ କରାଯାଉ, ସମସ୍ତ ଲଘୁ ଖଣିଜଦ୍ରବ୍ୟ ପାଇଁ ଉଦ୍ଧିଷ୍ଟ ଅଚଳ ଖଣିକୁ ବାଦ ଦେଇ ସଚଳ ଖଣିର ଡାଲିକା ପ୍ରସ୍ତୁତ କରି ଟେଣ୍ଡର ଆଇଟମରେ ଖଣିର ନାମ ସ୍ପଷ୍ଟ ଭାବେ ପ୍ରକାଶ କରାଯାଉ, ବହୁ ପୂର୍ବରୁ ପ୍ରତଳିତ ସର୍ଟ ଟେଣ୍ଡର ଜଲ ନୋଟିସ ଦ୍ୱାରା ସର୍ବାଧିକ ଟେଣ୍ଡରର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ, ଆବଶ୍ୟକ କାର୍ଯ୍ୟର ସମୟସୀମା ବୃଦ୍ଧି କଲାବେଳେ ଦିନପିଛା ଜରିମାନାକୁ ରଦ୍ଧ କରାଯାଉ । ବରବାମ ବୃଦ୍ଧିର ହିସାବ ୨୦୧୨ ମସିହାରୁ ୨୦୧୯ ପର୍ଯ୍ୟନ୍ତ ପ୍ରତଳନ କରାଯାଉ, ଗ୍ରାମ



ସାମ୍ବାଦିକଙ୍କ ସୁରକ୍ଷା ନେଇ ରାଜ୍ୟ ସାମ୍ବାଦିକ ସଂଘ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି

ଯୁବ ସମାଜକୁ ନେଇ ସଚେତନତା ସଭା

ଜୟପୁର,୨୫/୨(ନି/ପ୍ର): ଜୟପୁର ରାଜା ନହର ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ସମାଜର ସୁରକ୍ଷା ନିମନ୍ତେ ଯୁବସମାଜକୁ ଅପରାଧିକ ଗତିବିଧି ରୁ ବିମୁଖ କରି ସେମାନଙ୍କୁ ପରିଶ୍ରମ କରି ଆର୍ଥିକ ସ୍ୱଚ୍ଛଳ କରାଇବା ଦିଗରେ ପ୍ରାଥମିକ ପଦକ୍ଷେପ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି । ଆଜି ଆବାହକ ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସମାଜରେ ଛାତ୍ର ଓ ଯୁବ ବର୍ଗ ସାମାନ୍ୟ କିଛି ସମସ୍ୟା ତଥା ରୋଜଗାର ଚିନ୍ତାରେ ଭୁଲ ରାସ୍ତାରେ ଅଗ୍ରସର ଯେପରିକି ନିଶା ଦ୍ରବ୍ୟ ସେବନ, ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ହେଉଛନ୍ତି । ଏହାଦ୍ୱାରା ସେମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସହ ସେମାନଙ୍କ ପରିବାର ଏବଂ ଆମ ସମାଜ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଏହି ଛାତ୍ର ଏବଂ ଯୁବ ସମାଜକୁ ଭୁଲ ରାସ୍ତାରେ ନଯାଇ ନିଶା ସେବନ ନକରିବାକୁ ଏବଂ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ନ ହେବାକୁ ସଚେତନତା କାର୍ଯ୍ୟକ୍ରମ ସହ ଏମାନଙ୍କ ମୁଖ୍ୟ ସମସ୍ୟା ବିଷୟରେ ଅନୁଧ୍ୟାନ କରି ସେମାନଙ୍କୁ ର

ଡାଲମିଆ ଭାରତ ସିମେଣ୍ଟର ଲାଞ୍ଜିବେର୍ଣା ଖଣି ଅଧିଗ୍ରହଣକୁ ନେଇ ପୋଲିସ ଜମି ମାଲିକ-ଧସ୍ତା ଧସ୍ତି ଉତେଜନା

ରାଜଗାଙ୍ଗପୁର,୨୫/୨(ନି/ପ୍ର) :ଡାଲମିଆ ଭାରତ ସିମେଣ୍ଟ କମ୍ପାନୀ ର ଲାଞ୍ଜିବେର୍ଣା ଖଣି ସମ୍ପର୍କରେ ସାରଣ ଜୁନେଇ ଗତ ଡିସେମ୍ବର ୧୩ ତାରିଖ ରେ ଜମି ଅଧିଗ୍ରହଣ ସମୟରେ ହଜାର ହଜାର ଅଧିବାସୀ ଏହାକୁ ବିରୋଧ କରି ଆନ୍ଦୋଳନ ଜାରି ରଖି ଜମି ଅଧିଗ୍ରହଣ କୁ ସ୍ଥଗିତ କରା ଯାଇ ଥିଲା । ଏହାର ପ୍ରତିବାଦରେ ଗତ ୧୮ ତାରିଖରେ ମଧ୍ୟ ରାଜ୍ୟ ରାଜ ପଥ ୧୦କୁ ୧୨ଘଣ୍ଟିଆ ଆର୍ଥିକ ଅବରୋଧ କରି ପ୍ରଶାସନ ଏବଂ କାରଖାନା କୃତପକ୍ଷ କୁ ଚେତାବନୀ ଦେଇ ଥିଲେ । ସ୍ଥାନୀୟ ଅଧିବାସୀ ଙ୍କ ସହ ପ୍ରଶାସନ କିମ୍ବା କମ୍ପାନୀ କୃତପକ୍ଷ କୌଣସି ଆଲୋଚନା କରିନଥିଲେ କୌଣସି ସମାଧାନ ମଧ୍ୟ ହୋଇନଥିଲା । ଏବଂ ଆଜି ପ୍ରଶାସନ ବିଛି ସ୍ଥାନୀୟ ଅଧିବାସୀ ଲୋକଙ୍କୁ ଆଜି ପ୍ରଭାତ ରେ ପୋଲିସ ସେମାନଙ୍କୁ ଅଟକ ରଖି ସେହି ଦିବାବୀୟ ଜମି ଅଧେରେ ରୋଡ଼ ରାସ୍ତା ଓ ଝିଡ଼ ଦେବ କାର୍ଯ୍ୟ ଆରମ୍ଭ କରିବାଦ୍ୱାରା ସ୍ଥାନୀୟ ଅଟକଳ ଲୋକେ ଓ ଜମି ମାଲିକ ନାଜିବାକୁ ଚେଷ୍ଟା କରିଥିଲେ ଏହୁ ଜମି ବିବାଦ ଯେତେବେଳେ ସୁପ୍ରିମ କୋର୍ଟରେ ଅଛି ତେବେ କୋଉ ପ୍ରକାର ଡ଼ି ସି ବି ଏଲ ରାସ୍ତା ନିର୍ମାଣ କରୁଛି ପ୍ରଶାସନ ଆଇନ ଶୃଙ୍ଖଳା ନାଁରେ ଡାଲମିଆ କମ୍ପାନୀ କୁ ପ୍ରୋଟେକ୍ଟ ଦେଇଛନ୍ତି ବାହିଁକି ରାସ୍ତା ନିର୍ମାଣ ହେଉଛି କହି ବିରୋଧ କରିବାକୁ କହିବା ରୁ ଉତ୍ତେଜନା ସହ ପୋଲିସ ସହିତ ଧସ୍ତା ଧସ୍ତି ହୋଇ ଥିଲା ଘଟଣା ସ୍ଥଳ ରେ ଜମିମାଲିକ ଏବଂ ସ୍ଥାନୀୟ ଅଧିବାସୀ ମାନେ ଏହି ଜମି ଅଧିଗ୍ରହଣ କୁ ବିରୋଧ କରୁ ଥିବା ଦେଖା ଦେଇଛି । ଜମି ଅଧିଗ୍ରହଣ ବନ୍ଦ ନକରାଗଲେ ପରିସ୍ଥିତି ଜଟିଳ ହେବ ତାହା ପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ।ଏହାର ପ୍ରତିବାଦରେ ଗତ ୧୮ ତାରିଖରେ ମଧ୍ୟ ରାଜ୍ୟ ରାଜ ପଥ ୧୦କୁ ୧୨ଘଣ୍ଟିଆ ଆର୍ଥିକ ଅବରୋଧ କରି ପ୍ରଶାସନ ଏବଂ କାରଖାନା କୃତପକ୍ଷ କୁ ଚେତାବନୀ ଦେଇ ଥିଲେ ।

ଗୃହସ୍ଥୀ ଉଦ୍ୟୋଗ ପ୍ରା. ଲି.ର ଅଧକ୍ଷକଙ୍କୁ ଓଡିଶା ସରକାରଙ୍କ ମାନନୀୟ ବସ୍ତ୍ର ମନ୍ତ୍ରୀଙ୍କ ଦ୍ୱାରା ତୋଶାଳି ସ୍ୱଦେଶୀ ମେଳାରେ ସମ୍ମାନିତ

ଭୁବନେଶ୍ୱର/ରାଉରକେଲା,୨୫/୨ : ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍‌ର ଅଧକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଗଣେଶ ପ୍ରସାଦ ବାଗଡ଼ିଆଙ୍କୁ ଓଡିଶା ସରକାରଙ୍କ ମାନନୀୟ ବସ୍ତ୍ର ମନ୍ତ୍ରୀ ପ୍ରାଦୀପ ସାମନ୍ତଙ୍କ ଦ୍ୱାରା ତୋଶାଳୀ ସ୍ୱାଦେଶୀ ମେଳା ଭୁବନେଶ୍ୱର ରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ଶ୍ରୀ ବାଗଡ଼ିଆଙ୍କ ଦ୍ୱାରା ଗୁଣସମ୍ପନ୍ନ ପାରମ୍ପରିକ ଖାଦ୍ୟ ପଣାକୁ ପ୍ରୋତ୍ସାହନ ଦେବା ଓ ଅଂଚଳୀୟ ଉଦ୍ୟମିତାକୁ ସୁଦୃଢ କରିବାରେ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଗୃହସ୍ଥୀ ଉଦ୍ୟୋଗ ପ୍ରା. ଲି. ତାଙ୍କର ପ୍ରାମାଣିକ ସ୍ୱାଦ, ଶୁଦ୍ଧତା ଓ ନିରନ୍ତର ଗୁଣଗତ ପ୍ରତି ଅଟୁଟ ପ୍ରତିବଦ୍ଧତା ଦ୍ୱାରା ଉପଭୋକ୍ତାଙ୍କର ବିଶ୍ୱାସ ଅର୍ଜନ କରୁଛି । ଏହି ଅବସରରେ ଶ୍ରୀ ଗଣେଶ ପ୍ରସାଦ ବାଗଡ଼ିଆ ସମ୍ମାନ ପାଇଁ ହୃଦୟଘନ ଆଭାର ବ୍ୟକ୍ତ କରିଥିଲେ ଏବଂ ପାରମ୍ପରିକ ଭାରତୀୟ ସ୍ୱାଦର ସମୃଦ୍ଧ ଐତିହ୍ୟକୁ ଅବିକୃତ ରଖି ସମଗ୍ର ଭାରତରେ କମ୍ପାନୀର ବିସ୍ତାର କରିବାର ସଙ୍କଳ୍ପ ପୁନରୁଚାର କରିଥିଲେ ।

ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

ସୁନ୍ଦରଗଡ଼, ୨୫/୨(ନି/ପ୍ର): ରାଜ୍ୟ ମହିଳା ଆୟୋଗଙ୍କ ସହାୟତା ଏବଂ ସୁନ୍ଦରଗଡ଼ ଜିଲ୍ଲା ସମାଜ କଲ୍‌ଯାଣ ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଙ୍କସ୍ଥିତ ଭବନ ଠାରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ମହିଳା ଆୟୋଗ ସଦସ୍ୟା ଶ୍ରୀମତୀ ମୁକ୍ତା ସାହୁ,ପୂର୍ବତନ ସଦର ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦାମ ହୋତା, ସଦର ପଂଚାୟତ ସମିତିର ଉପାଧ୍ୟକ୍ଷା ଶ୍ରୀମତୀ ଚନ୍ଦ୍ରମା ମେହେର ,ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମୋତିଲାଲ ସୁଲିଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ତ୍ରିପ୍ତା କୁମାରୀ ନନ୍ଦ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଶ୍ରୀବତ୍ତ ଜେନା,ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ କାବନିନୀ ସାମଲ ଯୋଗ ଦେଇ ମହିଳାଙ୍କ ସୁରକ୍ଷା ,ଅଧିକାର ଉପରେ ଆଲୋଚନା କରିବା ସହିତ କନ୍ୟା ଭ୍ରୁଣ ହତ୍ୟା ନିଷେଧ ଆଇନ, ବାଲ୍‌ୟ ବିବାହ ନିଷେଧ ଆଇନ, ଘରୋଇ ହିଂସା ନିଷେଧ ଆଇନ, ଯୌତୁକ ନିରୋଧ ଆଇନ ଆଦି ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଏହା ସହିତ ତୃଣମୂଳ ସ୍ତରରେ ଏହି ଆଇନ ଗୁଡ଼ିକ ଉପରେ ସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା । ସେହିଭଳି ନାରୀ ନିଜକୁ ଦୁର୍ବଳା ମନେ ନ କରି ସାହସ ର ସହ ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ଆହ୍ୱାନ ମଧ୍ୟ ଦିଆଯାଇଥିଲା । କାର୍ଯ୍ୟକ୍ରମ ରେ ସଦର ବ୍ଲକର ସମସ୍ତ ପଚାୟତି ରାଜ ପ୍ରତିନିଧି,ଅଙ୍ଗନବାଡି କର୍ମୀ,ସି ଆର ପି, ଏମ ବି କେ, ବ୍ୟୁହାର ମିତ୍ର, କଲେଜ ଛାତ୍ରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ସଦର ବ୍ଲକ ସୁରକ୍ଷା ଅଧିକାରୀ ଶ୍ରୀମତୀ ସୁଶିକା ରଥ ମଚ୍ଚ ପରିଚାଳନା କରିଥିଲେ ଏବଂ ସଦର ବ୍ଲକ୍ ସି ଡି ପି ଓ ଶ୍ରୀମତୀ ସୁବାସୀ ମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପାରୀକ ପରିବାର ପକ୍ଷରୁ ଭବ୍ୟ ଭଜନ ସନ୍ଧ୍ୟା ଆୟୋଜିତ

ରାଉରକେଲା,୨୫/୨(ନି/ପ୍ର) :: ସହରର ଉଦିତ ନଗରସ୍ଥିତ ସିଟି ସୁପର ବଜାର ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ଭକ୍ତି ଓ ଭଲ୍ଲାସର ଏକ ଅଦ୍ଭୁତ ସଙ୍ଗମ ଦେଖିବାକୁ ମିଳିଥିଲା । ପ୍ରସିଦ୍ଧ ଏମ୍.କେ. ରୋଡ୍‌ଲାଇନ୍ସ ପାରୀକ ପରିବାର ପକ୍ଷରୁ ଏକ ଭବ୍ୟ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା, ଯେଉଁଠାରେ ପ୍ରଭୁ ଶ୍ୟାମ ଏବଂ ସାଲାସର ବାଲାଜୀ ମହାରାଜଙ୍କର ଏକ ଆକର୍ଷଣୀୟ ଦରବାର ସଜାଯାଇଥିଲା । ବିବ୍ୟ ଜ୍ୟୋତି ପ୍ରଜ୍ୱଳନ ସହ ଛପନ ଭୋଗ ଅର୍ପଣ କରାଯାଇଥିଲା । ପଣ୍ଡିତଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ପରେ ସୁମଧୁର ଭଜନର ଅମୃତ ବର୍ଷା ପରିବେଶକୁ ସମ୍ପୂର୍ଣ୍ଣ ଭକ୍ତିମୟ କରିଦେଇଥିଲା । ଏହି କାର୍ଯ୍ୟକ୍ରମ ଏମ୍.କେ. ରୋଡ୍‌ଲାଇନ୍ସର ପ୍ରତିଷ୍ଠାତା ସ୍ୱର୍ଗତ କୈଳାସ ଜୀ ପାରୀକ ଏବଂ ସ୍ୱର୍ଗତ ମଞ୍ଜୁ ଦେବୀଙ୍କ ପୁତ୍ର ନାତେଶ ପାରୀକ (ବବି)ଙ୍କ ପୁତ୍ର ମାଧବଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ ହୋଇଥିଲା । ଏହି ପବିତ୍ର ଅବସରରେ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବହୁ ସଂଖ୍ୟାରେ ଶ୍ରୋତାଙ୍କୁ ଉପସ୍ଥିତ ଥିଲେ । ରାଉରକେଲା, ରାଜଗାଙ୍ଗପୁର ଏବଂ କୋଲକାତାରୁ ଆସିଥିବା ପ୍ରଖ୍ୟାତ ଭଜନ ଗାୟକ ଅଭିଷେକ ଅଗ୍ରୱାଲ, ଅଜିତ ଶର୍ମା, ସ୍ଥାନୀୟ ଭଜନ ଗାୟକ ରମଣ ଗଙ୍ଗାବତ ଏବଂ ସୁଶ୍ରୀ ସ୍ୱର୍ଣ୍ଣରେଖାଙ୍କ ମଣ୍ଡଳୀ ଗୋଟିଏ ପରେ ଗୋଟିଏ ସୁନ୍ଦର ଭଜନ ପରିବେଷଣ କରି ଶ୍ରୋତାଙ୍କୁ ଭାବବିହ୍ୱଳ କରିଦେଇଥିଲେ । ଭକ୍ତମାନେ ଭଜନର ତାଳେ ତାଳେ ଝୁମୁଥିବାର ଦେଖାଯାଇଥିଲା ଏବଂ ସମ୍ପୂର୍ଣ୍ଣ ପେଣ୍ଡାଲ 'ଶ୍ୟାମ ନାମ୍' ଓ 'ବାଲାଜୀ ମହାରାଜ କି ଜୟ' ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା । ଭଜନ-କୀର୍ତ୍ତନ ମାଧ୍ୟମରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ସାଲାସର ବାଲାଜୀ ଏବଂ ବାବା ଶ୍ୟାମଙ୍କ ନିକଟରେ ବାଳକ ମାଧବଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତ ଭକ୍ତଙ୍କ ପାଇଁ 'ଶ୍ୟାମ ରସୋଇ'ର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା, ଯେଉଁଠାରେ ପ୍ରସାଦ ସେବନ କରି ଶ୍ରଦ୍ଧାଳୁମାନେ ଭକ୍ତିଭାବର ସହ ଏହି ଆୟୋଜନର ଭୂୟସୀ ପ୍ରଶଂସା କରିଥିଲେ ।

ସହରର ମୁଖ୍ୟ ମାର୍ଗରେ ଫସିଲା ଗାଡ଼ି

ରାଉରକେଲା,୨୫/୨(ନି/ପ୍ର): ରାଉରକେଲା ମହାନଗର ନିଗମ (ଜଇଡ) ପକ୍ଷରୁ ସହରର ମୁଖ୍ୟ ରାସ୍ତାରେ ନିର୍ମାଣ କାର୍ଯ୍ୟ ଏବଂ ପାଇପ୍ ଲାଇନ ବିଛାଇବା ପାଇଁ ଗାତ ଖୋଳାଯାଇଥିଲା । ଏହା ପରେ କଙ୍କ୍ରିଟ୍ ଏବଂ ସିମେଣ୍ଟ ଦ୍ୱାରା ରାସ୍ତା ମରାମତି କରାଯାଇଥିଲେ ମଧ୍ୟ ଆଜି ବୁଧବାର ଦିନ ଏକ ମହିନ୍ଦ୍ରା ପିକଅପ୍ ଗାଡ଼ି ସେହି ରାସ୍ତା ଦେଇ ଯିବା ସମୟରେ ଗାତରେ ଫସି ଯାଇଥିଲା । ଏହି ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ରାସ୍ତାକୁ ଠିକ୍ ଭାବରେ ମରାମତି କରାଯାଇ ନଥିବାରୁ ଏହିଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି । ରାଉରକେଲା ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ

ରାଉରକେଲା,୨୫/୨ : ପାନପୋଷ ସ୍ଥିତ ଜଗନ୍ନାଥ କଲୋନୀରେ ଶ୍ରୀ ହନୁମାନ ମନ୍ଦିର ଦ୍ରଷ୍ଟ ପକ୍ଷରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ବୁଧବାର, ୨୫ ଫେବୃଆରୀ ଦିନ ଏକ ଭବ୍ୟ କଳସ ଯାତ୍ରା ବାହାରିଥିଲା । ପାନପୋଷ ଟ୍ରାହୁଣୀ ନଦୀ କୂଳରୁ ପ୍ରାୟ ୨୦୦ ସୁହାଗିନୀ ମହିଳା ନାଲି ଶାଢ଼ୀ ଓ ନାଲି ଚୁନରୀ ପରିଧାନ କରି ଏହି କଳସ ଯାତ୍ରାରେ ସାମିଲ ହୋଇଥିଲେ । ଢୋଲ, ନଗାଡ଼ା ଓ ବାଜା ରୋଶଣୀ ସହ ବାହାରିଥିବା ଏହି ଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତ ଅଂଶଗ୍ରହଣ କରିଥିଲେ । ଏହି କଳସ ଯାତ୍ରା ପାନପୋଷ ବସ୍ତି ଦେଇ ଜଗନ୍ନାଥ କଲୋନୀରେ ପହଞ୍ଚିବା ପରେ, ମହିଳାମାନେ ନବନିର୍ମିତ ହନୁମାନ ମନ୍ଦିର ପରିସରରେ କଳସ ସ୍ଥାପନ କରିଥିଲେ । ଏହାପରେ ମନ୍ଦିରର ପୂଜକଙ୍କ ଦ୍ୱାରା ବିଧିବିଧାନ ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଥିଲା । ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ଆସନ୍ତା ୨୮ ଫେବୃଆରୀରେ ହନୁମାନ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସହିତ ଯଜ୍ଞ ଓ ହୋମ ଅନୁଷ୍ଠିତ ହେବ । ମନ୍ଦିର କମିଟି ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।ଆଜିର ଏହି କଳସ ଯାତ୍ରାରେ ପାନପୋଷ, ରାଉରକେଲା ସମେତ ଆଖପାଖ ଅଂଚଳରୁ ବହୁ ସଂଖ୍ୟାରେ ମହିଳା ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

ସଡ଼କ ସୁରକ୍ଷା ଓ ମଟର ଯାନ ଆଇନ ସଂପର୍କରେ ସଚେତନତା

କେନ୍ଦ୍ରାପଡ଼ା,୨୫/୨(ନି/ପ୍ର): କେନ୍ଦ୍ରାପଡା ବୁହୁଣିଆ ସ୍ଥିତ ଅର୍ଜ ଏକାଡେମୀ ରେ ସଡକ ସୁରକ୍ଷା, ସଡକ ଦୁର୍ଘଟଣା ଓ ମଟର ଯାନ ଆଇନ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଡକ ପରିବହନ ଅଧିକାରୀ(ଆରଟିଓ) ଲୋକନାଥ ମେହେର, ଡିଏସ୍ପି ଗୋପୀନାଥ ପ୍ରଧାନ, କଲେଜ ଅଧକ୍ଷ ଅଣୁଜ କୁମାର ପ୍ରଧାନ, ଆଇନଜିବୀ ରମଣୀ ରଞ୍ଜନ ରାଉରରାୟ, କଲେଜ ସଂପାଦକ ଆଦିତ୍ୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଡକ ସୁରକ୍ଷା, ମଟର ଯାନ ଦୁର୍ଘଟଣା ଜିଭଳି ରୋକାଯାଇ ପାରିବ ସେ ସଂପର୍କରେ ଆଲୋଚନା କରିଥିଲେ । ଟ୍ରାଫିକ ନିୟମକୁ ମାନିବା, ମଟର ସାଇକେଲ ଚଳାଇବାବେଳେ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ଇତ୍ୟାଦି ଉପରେ ଯୁବ ପିଢିଙ୍କୁ ସଚେତନତା କରା ଯାଇଥିଲା । ସଭା ଶେଷରେ ଶ୍ରୀଜାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଆରଏସପିର ଅବସରଗ୍ରହଣକାରୀ କର୍ମଚାରୀଙ୍କ ଜୀବନସାଥିଙ୍କ ପାଇଁ ପରାମର୍ଶ କର୍ମଶାଳା 'ରୋଶନି- ସକ୍ଷମ ସାଥୀ' ଆୟୋଜିତ

ରାଉରକେଲା,୨୫/୨(ନି/ପ୍ର): ସେଲ ରାଉରକେଲା ଲକ୍ଷାଚ କାରଖାନାରୁ ୨୦୨୬ ଅପ୍ରେଲ ରୁ ଜୁନ ମାସ ମଧ୍ୟରେ ଅବସର ନେଇଥିବା କର୍ମଚାରୀଙ୍କ ଜୀବନସାଥିଙ୍କ ପାଇଁ ଏକ ପରାମର୍ଶ କର୍ମଶାଳା 'ରୋଶନି-ସକ୍ଷମ ସାଥୀ' ଫେବୃଆରି ୨୧ ତାରିଖରେ ସିଭିକ୍ ସେଣ୍ଟରରେ ଆୟୋଜିତ ହୋଇଥିଲା । ଏଥିରେ ଏଚ ଆର ବିଭାଗ ର ସି ଜି ଏମ ଶ୍ରୀ ମାନସ ରଞ୍ଜନ ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ଏସପି-୨ ବିଭାଗ ର ଜିଏମ ଇନ ଚାର୍ଜ ଶ୍ରୀ ସନ୍ତୋଷ ପାଢୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଥିଲେ । ଏହି ଅବସରରେ ଶ୍ରୀ ରଥ ସଭାକୁ ସମ୍ବୋଧିତ କରିବା ସମୟରେ, ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଜୀବନସାଥିଙ୍କୁ ଦେଇଥିବା ଦୃଢ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ । ଏହି ମନୋଭାବକୁ ଅବସର ପର୍ଯ୍ୟନ୍ତ ବହନ କରିବାକୁ ଅନୁରୋଧ କରିବା ସହିତ ଜୀବନର ଏହି ନୂତନ ପର୍ଯ୍ୟାୟକୁ ଗ୍ରହଣ କରି ଜୀବନସାଥିଙ୍କ ସହିତ ଖାପଖୁଆଇ ତାଙ୍କୁ ସହାୟତା କରିବାକୁ କହିଥିଲେ । "ଅବସର ପରେ ଜୀବନର ଏକ ନୂତନ ପର୍ଯ୍ୟାୟରେ ସୁଗମ ପ୍ରବେଶ ପାଇଁ ମାନସିକ ପ୍ରସ୍ତୁତି" ବିଷୟବସ୍ତୁ ଉପରେ ଏସ ପି ୨ ବିଭାଗ ର ଏ ଜି ଏମ ଶ୍ରୀ ବାବୁଲା ନାହକ ଏବଂ ବିନ ଓ ଲଲ୍ଲା ବିଭାଗ ର ଜି ଏମ ଶ୍ରୀ ରାଜ ରଞ୍ଜନ ଷଡଙ୍ଗୀ 'ଆର୍ଥିକ ସୁରକ୍ଷା ଯୋଜନା' ଉପରେ ତଥ୍ୟ ପ୍ରଦାନ କରିଥିଲେ । ଅଧିବେଶନରେ ଟି ଏ ଏଣ୍ଡ ସି ଏସ ଆର ବିଭାଗ ର ଡି ଜି ଏମ ଶ୍ରୀ ପୁରୁଷୋତ୍ତମ ସାହୁ ଗୁଡି ଆଧାରରେ କାର୍ଯ୍ୟରେ ବ୍ୟସ୍ତ ରହିବା ଉପରେ ତଥ୍ୟ ରଖିଥିଲେ । ' 'ଉନ୍ନମ ସ୍ୱାସ୍ଥ୍ୟ, ସୁସ୍ଥତା ସୁନିଶ୍ଚିତ କରିବା' ଉପରେ ଆଉ ଏକ ଅଧିବେଶନ ଓଏଚଏସସିର ଅତିରିକ୍ତ ସିବିଏମଡି ଡାକ୍ତର ଏସ କୁମାର ସମ୍ପାଦିତ କରିଥିଲେ । ଜାତୀୟ ପେନସନ ଯୋଜନା (ଏନ ପି ଏସ)ଉପରେ ଏତ ଆଉ ଜ ଆର ଏଣ୍ଡ ସି ବିଭାଗ ର ଡେପୁଟି ମ୍ୟାନେଜର ଶ୍ରୀ ଏସ ସି ନାୟକ ସବିଶେଷ ଆଲୋଚନା କରିଥିଲେ । ଆସିଷ୍ଟାଟ ମ୍ୟାନେଜର (ମାନବ ସମ୍ବଳ) ଶ୍ରୀ ଏସ ପି ମାଝି ସମବେତ ସଭାଙ୍କୁ ସ୍ୱାଗତ କରିଥିବା ବେଳେ ଶ୍ରମ ନିରାକ୍ଷସବ ଶ୍ରୀ କେ କେ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ କେ କେ ପରିଡା ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଏହି କାର୍ମଶାଳା ନିୟମିତ ବ୍ୟବଧାନରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପତ୍ନୀମାନଙ୍କୁ ନେଇ ଅନୁଷ୍ଠିତ ହେଉଛି ।

ଚରଭାରେ ବିଶ୍ୱ ମାତୃଭାଷା ଦିବସ ପାଳିତ

ସୁବର୍ଣ୍ଣପୁର,୨୫/୨(ନି/ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଚରଭା ସହର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ କୋଶଳ ସାହିତ୍ୟ ଏକାଡେମୀ ଏବଂ ତହଁଙ୍କ କୁଟୁମ୍ ମିଳିତ ଭାବରେ ରାଜେଶ ଦଣ୍ଡସେନାଙ୍କ ସଭାପତିତ୍ୱରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜଦି ବନବାସ ମେହେର ମୁଖ୍ୟ ଅତିଥି, ସାୟାବିକ ଅନ୍ତର୍ଯ୍ୟାମୀ ସାହୁ ମୁଖ୍ୟ ବକ୍ତା ତଥା ସାହିତ୍ୟିକ ସମ୍ବୀଦ ସେଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପରିପ୍ରେକ୍ଷୀରେ ଜିଲ୍ଲା ତରଫରୁ ଜିଲ୍ଲା ଯୋଜନା ବୈଠକ

ରାଉରକେଲା,୨୫/୨(ନି/ପ୍ର): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପରିପ୍ରେକ୍ଷୀରେ ଜିଲ୍ଲା ତରଫରୁ ଜିଲ୍ଲା ଯୋଜନା ବୈଠକ ରାଉରକେଲାର, ସେକ୍ଟର - ୨ ସ୍ଥିତ ସ୍ୱେହନାଲ ମଣ୍ଡପ ପରିସରରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା ଝେରକେଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସିମାଂଚଲ୍ ଖଟେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ବୈଠକର ଶୁଭାରମ୍ଭ କରିଥିଲେ । ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା ଝେରକେଟା ସ୍ୱାଗତ ଭାଷଣ ଦେବାସହ ଏହି ବୈଠକର ଉଦ୍ଦେଶ୍ୟ ଓ ଚାପ୍ତର୍ଯ୍ୟ ଉପରେ ଆଲୋକ ପାତ କରିଥିଲେ । ଶ୍ରୀ ଖଟେରେ ତାଙ୍କ ବକ୍ତବ୍